## ସଂକ୍ଷେପରେ



### ଖଇରପୁଟ ମଣ୍ଡିରୁ ମାଣ୍ଡିଆ ସଂଗ୍ରହ

**ଗୋବିନ୍ଦପାଲି,୬।୨:** ମାଲକାନଗିରି ଜିଲା ଖଇରପୁଟ ବ୍ଲକରେ ମଙ୍ଗଳବାର ଅନୁଷ୍ଠିତ ମାଣ୍ଡିଆ ମଣ୍ଡିରେ ଶହେ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି। ଖଇରପୁଟ, ପୋଡଘାଟ,ରାସବେଡା ଓ କଦମଗୁଡା ପଞ୍ଚାୟତରୁ ପ୍ରାୟ ୩୮ ଜଣ ଚାଷୀ ୧୦୨ କୁଇଣ୍ଟାଲ ମାଣ୍ଡିଆ ବିକ୍ରୟ କରିଥିଲେ। ମାଧମ ଫାଉଣ୍ଡେସନ ଓ ୱାସନ ପକ୍ଷରୁ ହୋଇଥିବା ଏହି ମଣ୍ଡିରେ ଚାଷୀଙ୍କଠାରୁ ମାଣ୍ଡିଆ କିଲୋ ପ୍ରତି ୨୮.୨୭ ପଇସାରେ କ୍ରୟ କରାଯାଇଥିଲା। ସଂଯୋଜକ ରମଣୀ ରଞ୍ଜନ ନାୟକ, ଜିଲା କାର୍ଯ୍ୟକ୍ରମ ସଂଯୋଜକ ପ୍ରକାଶ ଚନ୍ଦ୍ର ମଲିକ, ପ୍ରକାଶ ଦାସ, ସୌଭାଗ୍ୟ ମିଶ୍ର, ସନ୍ତୋଷ ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### କୁଷ୍ଠମୁକ୍ତ ଗାଁ ଅଭିଯାନ



**କୋରୁକୋଣ୍ଡା, ୬।୨:** ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁଷ୍ଠମୁକ୍ତ ଗାଁ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ସ୍ୱାମୀ ଶିବାନନ୍ଦ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଏହି ଅବସରରେ ଅନୁଷ୍ଠିତ ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ କୋରୁକୋଣ୍ଡା ଗ୍ରାମ ପରିକ୍ରମା କରି କୁଷ୍ଠ ରୋଗର ଲକ୍ଷଣ ଓ ଏହାକୁ କିପରି ଚିହ୍ନିବ ସେନେଇ ଲୋକଙ୍କୁ ସଚେତନ କରିଥିଲେ। ସେମାନଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏଚଇଓ ସତ୍ୟ କୁମାର ଓଝା, ଅନେଶ କୁମାର ରାଓ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ମାଥିଲିରେ ଶିଶୁ ଝୁଲା ଦୋଳି ଉଦ୍‌ଘାଟିତ

**ମାଥିଲି , ୬।୨ (ସ୍ୱ.ପ୍ର.):** ଭ୍ରୁଣ ଓ ଶିଶୁ ଜନ୍ମ ପରେ ଫୋପାଡି ଦେବା ଆଇନ ଅନୁଯାୟୀ ଦଣ୍ଡନୀୟ। ଏହି ଆଇନରେ ଛନ୍ଦି ନ ହେବାକୁ ବୁଧବାର ମାଲକାନଗିରି ଜିଲା ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରଶାସନ ପକ୍ଷରୁ ଶିଶୁ ଝୁଲା ଦୋଳି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହାକୁ ଏଡିଏମଓ ଶଶିଭୂଷଣ ମହାପାତ୍ର ଉଦ୍‌ଘାଟନ କରିଥିଲେ । ଶିଶୁଙ୍କୁ କୌଣସି ବିପଦରେ ନ ପକାଇ ଜନ୍ମ କରିବା ପରେ ଯଦି ଆବଶ୍ୟକ ନାହିଁ ତେବେ ନିର୍ଭୟରେ ସେମାନେ ଶିଶୁକୁ ଆଣି ଝୁଲା ଦୋଳିରେ ରଖିପାରିବେ । ଜନ୍ମରୁ ସେମାନେ ଅଲୋଡା ନ ହେବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଶିଶୁଟିକୁ ପାଇବା ପରେ ଶିଶୁ ସୁରକ୍ଷା ବିଭାଗକୁ ଅବଗତ କରାଯିବ। ସରକାରଙ୍କ ପକ୍ଷରୁ ତା'ର ସମସ୍ତ ଲାଳନପାଳନ ବ୍ୟବସ୍ଥା କରାଯିବ। ଏଥିପାଇଁ କୌଣସି ଆପରାଧିକ ମାମଲା ତଥା ଆଇନରେ ଦଣ୍ଡ ବ୍ୟବସ୍ଥା ନାହିଁ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଆଇନ ପରାମର୍ଶଦାତା ସଞ୍ଜିତ ପଣ୍ଡା, ଏମଓ ଡା. ଧର୍ମେନ୍ଦ୍ର ସାହୁ , ଡାକ୍ତର ନିପୋନ ଦେବତା, ୱାସିମ ଆକ୍ରମ, ଅବିନାଶ ବେହେରାଙ୍କ ସମେତ ସମସ୍ତ ଷ୍ଟାଫ ନର୍ସ ଉପସ୍ଥିତ ଥିଲେ।

■ ଗ୍ରାମସଭା କରି ହେବ ତଥ୍ୟ ସଂଗ୍ରହ

# ସାମାଜିକ ସହାୟତାରୁ କେହି ବାଦ୍ ପଡିବେ ନାହିଁ



ସାମାଜିକ କାର୍ଯ୍ୟକ୍ରମରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ମାଲକାନଗିରି, ୬।୨ (ଡି.ଏନ.ଏ.)**

- ■ପ୍ରତି ଗ୍ରାମରୁ ହିତାଧିକାରୀ ଚିହ୍ନଟ
- ■୮୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ୭ଶହ ଟଙ୍କା ଭତ୍ତା
- ■ସମସ୍ତଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ

ମାଲକାନଗିରି ସଦର ମହକୁମା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ବୁଧବାର ମାଲକାନଗିରି ବ୍ଲକସ୍ତରୀୟ ଓଡିଶା ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ଦାୟିତ୍ୱ ଓ ସ୍ୱଚ୍ଛତା ସମିତି ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ରାଧାରାଣୀ ଦଳେଇ, ଜିଲା ସାମାଜିକ ସମୀକ୍ଷକ ସୁବ୍ରତ କୁମାର ସାମଲ ଯୋଗଦେଇ ଉପସ୍ଥିତ ସମସ୍ତ ବ୍ଲକ, ପଞ୍ଚାୟତ ଓ ସମିତିର ସଭ୍ୟାସଭ୍ୟଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅନୁଯାୟୀ ପ୍ରତି ଗ୍ରାମରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀଙ୍କୁ ଚିହ୍ନଟ, ସାମାଜିକ ସହାୟତା ପ୍ରଦାନ କରିବା, ଗ୍ରାମାଞ୍ଚଳରେ ରହୁଥିବା ୬୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ ବର୍ଷରୁ କମ୍ ବୃଦ୍ଧାବୃଦ୍ଧ ମାସିକ ଭତ୍ତା ୩ଶହରୁ ୫୦୦ ଟଙ୍କା ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ୭ଶହ ଟଙ୍କା ଭତ୍ତା ପ୍ରଦାନ ବ୍ୟବସ୍ଥା ହେବ। ଏଥିରୁ ଯେଉଁମାନେ ବାଦ୍ ପଡିଥିବେ ଜଣାପଡିଲେ ସେମାନଙ୍କୁ ତୁରନ୍ତ ଚିହ୍ନଟ କରିବା ପାଇଁ ପ୍ରତି ଗ୍ରାମ ଓ ପଞ୍ଚାୟତରେ ଗ୍ରାମସଭା ଏବଂ ପଲ୍ଲିସଭା ମାଧ୍ୟମରେ ଯୁଦ୍ଧକାଳୀନ ଭିତ୍ତିରେ ଚିହ୍ନଟ କରିବା ପାଇଁ କୁହାଯାଇଥିଲା। ସେହିପରି ବିଧବା, ଇନ୍ଦିରାଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା, ରାଜ୍ୟ ପରିବାର ମଙ୍ଗଳ ଯୋଜନାରେ ରୋଜଗାରକ୍ଷମ ବ୍ୟକ୍ତିର ମୃତ୍ୟୁ ଘଟିଲେ ଏକକାଳୀନ ୨୦ ହଜାର ଟଙ୍କା ସହାୟତା, ତାଙ୍କ ଉତ୍ତରାଧିକାରୀଙ୍କୁ ରୋଜଗାର ଯୋଗାଇଦେବା, ଏହି ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିପାଇଁ ମାଲକାନଗିରି ଜିଲାରେ ଏହି ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ମାଲକାନଗିରି ବ୍ଲକର ଚଲାଣଗୁଡା, ପଡିଆ ବ୍ଲକର କାଳଦାପାଲି, କାଲିମେଳା ବ୍ଲକର କାଙ୍ଗୁରୁକୋଣ୍ଡା, କୋରୁକୋଣ୍ଡା ବ୍ଲକର ପୋଟ୍ରେଲ, ମାଥିଲି ବ୍ଲକର ପାଙ୍ଗାମ୍, ଚିତ୍ରକୋଣ୍ଡା ବ୍ଲକର ଚିତ୍ରକୋଣ୍ଡା ଏବଂ ଖଇରପୁଟ ବ୍ଲକର କୁଡୁମୁଲୁଗୁମ୍ମାଠାରେ ଜନ ଶୁଣାଣି କରି ସାମାଜିକ ସୁରକ୍ଷା ସମ୍ପର୍କରେ ବିଭିନ୍ନ ଲୋକଙ୍କ ଅଭିଯୋଗ ସଂଗ୍ରହ ସହ ଏକ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାପାଇଁ ଜିଲାର ସମସ୍ତ ବିଡିଓଙ୍କୁ କୁହାଯାଇଛି ବୋଲି ଦଳେଇ ପ୍ରକାଶ କରିଥିଲେ। ପ୍ରତି ବ୍ଲକରେ ପଲ୍ଲିସଭାରେ ଆବେଦନକାରୀଙ୍କ ଦରଖାସ୍ତ ଗ୍ରହଣ କରାଯାଇ କି ପଦକ୍ଷେପ ନିଆ ଯାଇଛି, କେତେ ଦରଖାସ୍ତ ମଞ୍ଜୁର କରାଯାଇଛି, ପ୍ରତିମାସରେ ହିତାଧିକାରୀ ଭତ୍ତା ପାଉଛନ୍ତି କି ନାହିଁ ଏଥିସହ ଅନ୍ୟାନ୍ୟ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରି ଜିଲା ପ୍ରଶାସନକୁ ଜଣାଇବା ପାଇଁ କର୍ମଶାଳାରେ କର୍ମୀମାନଙ୍କୁ ନିର୍ଦ୍ଦେଶ ହୋଇଛି।

## ମିଛୱାରି ଗ୍ରାମରେ ଜନସମ୍ପର୍କ ଶିବିର

**ପାଣ୍ଡ୍ରିପାଣି,୬।୨**

ମାଲକାନଗିରି ବ୍ଲକ ସେରପାଲି ପଞ୍ଚାୟତ ଅନ୍ତର୍ଗତ ମିଛୱାରି ଗ୍ରାମରେ ୧୬୦ ବାଟାଲିୟନ ବିଏସଏଫ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମିଛୱାରି, ଗୁଦନାଡ, କୁସୁମବାହାଲ, ଟାଙ୍ଗିଣିତଙ୍ଗ, କଦଳୀପଦର ଗ୍ରାମବାସୀ, ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଯୁବକ ସଂଘ ସଭ୍ୟମାନେ ଉପସ୍ଥିତ ଥିଲେ। ଯବାନମାନେ ସର୍ବଦା ଜନସାଧାରଣଙ୍କ ସହିତ ରହିଛନ୍ତି। ସେମାନେ ସେମାନଙ୍କ ସୁଖଦୁଃଖର ସାଥୀ ବୋଲି ବିଏସଏଫ ଇନ୍ସପେକ୍ଟର ଭୁପେନ୍ଦ୍ର ସିଂ କହିଥିଲେ। ଏହି ଅବସରରେ ଯୁବକ ସଂଘଗୁଡିକୁ କ୍ରିକେଟ, ଭଲିବଲ ଓ ଫୁଟବଲ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା। ବୃଦ୍ଧାବୃଦ୍ଧ ଓ ଗରିବ ଜନସାଧାରଣଙ୍କୁ ଶାଢି, ଲୁଙ୍ଗି, ଟିଶାର୍ଟ, କମ୍ବଳ, ମଶାରି, ଛତା ସହ ଅନ୍ୟାନ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଖାତା, କଲମ, ପେନସିଲ, ଜ୍ୟାମିତି ବକ୍ସ, କାଗଜ ଆଦି ଦେଇଥିଲେ । ଏହି ଶିବିରରେ ସେରପାଲି ସରପଞ୍ଚ ଦଶରଥ ଢୁରୁକା, ନାଏବ ସରପଞ୍ଚ ଲବ ହାଲକା, ଏସଆଇ ଦୀନେଶ ସିଂ, ସନ୍ଦୀପ କୁମାର, ଜି.ରାଧେ ଶ୍ୟାମ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ବାଲିମେଳା, ୬।୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ବୁଧବାର ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରହଲ୍ଲାଦ ବେହେରା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରେମଚାନ୍ଦ ପଟ୍ଟନାୟକ, ଅନ୍ୟତମ ଅତିଥି ରୂପେ କନିଷ୍ଠ ଏମ୍‌ଭିଆଇ ନୃସିଂହ ଚରଣ ପାଣିଗ୍ରାହୀ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସରୋଜ ମହାପାତ୍ର ସଭାପତିତ୍ୱ କରିଥିଲେ। ଗାଡ଼ି ଚଳେଇବା ସମୟରେ ହେଲ୍‌ମେଟ୍ ପିନ୍ଧିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ମୋବାଇଲ ଫୋନ୍ ବ୍ୟବହାର ନ କରିବା, ସଡ଼କ ନିୟମକୁ କଡାକଡି ମାନିବା, ସଡ଼କ ପଥରେ ବଙ୍କା ରାସ୍ତା ଓ ହମ୍ପ୍‌ସ ଥିବା ଜାଗାରେ ଅନ୍ୟ ଗାଡିଗୁଡ଼ିକୁ ଅତିକ୍ରମ ନ କରିବା, ନିଜେ ସତର୍କ ରହି ଗାଡ଼ି ଚଳେଇଲେ ଅନେକ ମାତ୍ରାରେ ଦୁର୍ଘଟଣା କମିପାରିବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ପାଳଗଦାରୁ ପଟା ଜବତ

**ଗୋବିନ୍ଦପାଲି,୬।୨**

ଖଇରପୁଟ ବ୍ଲକ ମାଝିଗୁଡା ଗ୍ରାମ ନିକଟରୁ କାଠ ଚୋରା ଚାଲାଣ ବେଳେ ଜବତ ହୋଇଛି। ବିଭାଗୀୟ କର୍ମଚାରୀମାନେ ମାଝିଗୁଡା ଗ୍ରାମରେ ଚଢାଉ କରି ଏକ ଧାନ ଖଳାରେ ପାଳଗଦା ଭିତରେ ଲୁଚାଇ ରଖାଯାଇଥିବା କାଠଗଣ୍ଡି ଓ ପଟାକୁ ଜବତ କରିଥିଲେ। ତେବେ ଏହି ପଟାଗୁଡିକ କାହାର ଏବଂ କେମିତି ପାଳଗଦାକୁ ଆସିଲା ସେନେଇ କିଛି ସ୍ପଷ୍ଟ ହୋଇନାହିଁ। ଗୋବିନ୍ଦପାଲି ରେଞ୍ଜ ଅଧିକାରୀ ମୁରଲୀଧର ଅନୁଗୁଳିଆ ନେତୃତ୍ୱ ନେଇଥିଲେ।




■ ବିଏସଏଫ ଯବାନଙ୍କ ମାନବିକତା

# ଆନେମିଆ ରୋଗୀଙ୍କୁ ଦେଲେ ରକ୍ତ

**ମାଲକାନଗିରି,୬।୨(ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଏମ.ଭି-୦୩ସ୍ଥିତ ବିଏସଏଫର ୧୬୦ ବାଟାଲିୟନ ଯବାନମାନେ ପୁଣି ଏକ ମାନବିକତା ଦେଖାଇଛନ୍ତି । ଆନେମିଆ ରୋଗରେ ଆକ୍ରାନ୍ତ ଜଣେ ମହିଳାଙ୍କୁ ରକ୍ତ ଦେଇ ତାଙ୍କର ଜୀବନ ବଞ୍ଚାଇବାରେ ସାହାଯ୍ୟ କରିଛନ୍ତି। ଜିଲା ସଦର ମହକୁମାସ୍ଥିତ ଲାଠିଆଗୁଡ଼ା ଗ୍ରାମର ଚନ୍ଦ୍ରମା ଗାଦବା ଏନେମିଆ ରୋଗରେ ପୀଡ଼ିତ ହୋଇ ଜିଲା ସଦର ମହକୁମା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ରକ୍ତହୀନତା ଯୋଗୁ ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିବାରୁ ଡାକ୍ତର ରକ୍ତର ଆବଶ୍ୟକତା ଥିବା କହିଥିଲେ। ମହିଳାଙ୍କର ରକ୍ତ ଗ୍ରୁପ ଏବି ପୋଜେଟିଭ ହୋଇଥିବାରୁ ଏହି ଗ୍ରୁପର ରକ୍ତ ସାଧାରଣତଃ ଉପଲବ୍ଧ ହୋଇନଥାଏ। ତେବେ ତାଙ୍କ ପରିବାର ବର୍ଗ ବହୁ ଚେଷ୍ଟା କରିବା ପରେ ମଧ୍ୟ ଏହି ରକ୍ତ ଯୋଗାଡ଼ କରିପାରି ନ ଥିଲେ। ପରେ ରୋଗୀଙ୍କ ସମ୍ପର୍କୀୟ ଏମ.ଭି-୦୩ ସ୍ଥିତ ବିଏସଏଫ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ବିଏସଏଫ କମାଣ୍ଡାଣ୍ଟ ତୀର୍ଥ ଆଚାର୍ଯ୍ୟଙ୍କୁ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ପରେ ତୁରନ୍ତ କମାଣ୍ଡାଣ୍ଟ ଆଚାର୍ଯ୍ୟ ୨ ଜଣ ଯବାନଙ୍କୁ ଜିଲା ସଦର ମହକୁମା ଚିକିତ୍ସାଳୟକୁ ପଠାଇଥିଲେ । ଉଭୟ ଯବାନ ସେଠାରେ ନିଜ ରକ୍ତ ପ୍ରଦାନ କରିଥିଲେ । ଯବାନଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି ।



ଜଣେ ଯବାନ ରକ୍ତଦାନ କରୁଛନ୍ତି।

## ୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୧୯

(ତା.୦୪/୦୨/୨୦୧୯ ଠାରୁ ତା.୧୦/୦୨/୨୦୧୯)

"ସଡ଼କ ସୁରକ୍ଷା - ଜୀବନ ରକ୍ଷା"

**ବାରମ୍ବାର ମୋଟରଯାନ ଆଇନ ଉଲଂଘନକାରୀଙ୍କ ଠାରୁ ଦୁଇ/ତିନିଗୁଣ ଜରିମାନା ଆଦାୟ ବ୍ୟବସ୍ଥା**

ମୋଟର ଯାନ ଆଇନ ଉଲଙ୍ଘନକାରୀ ଯାନ ତଥା ଚାଳକ ମାନଙ୍କୁ ଦଣ୍ଡିତ କରିବାରେ ସହାୟକ ହେବା ନିମନ୍ତେ ତଥା ଜନସାଧାରଣଙ୍କ ସୁବିଧା ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଡ଼ିସେମ୍ବର ୨୦୧୮ ରୁ ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ କରାଯାଇଛି । ଏହି ବ୍ୟବସ୍ଥାର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକୁ ନିମ୍ନରେ ପ୍ରଦାନ କରାଗଲା :

★ ମୋଟରଯାନ ଆଇନ ଉଲଙ୍ଘନକାରୀ ମାନଙ୍କ ଦ୍ୱାରା ଘଟୁଥିବା ଅପରାଧର ଅନ୍‌ଲାଇନ୍ ରେକର୍ଡ ରଖାଯିବାର ବ୍ୟବସ୍ଥା ।
★ ବାରମ୍ବାର ମୋଟରଯାନ ଆଇନ୍ ଉଲଙ୍ଘନ କରୁଥିବା ବ୍ୟକ୍ତିଙ୍କ ଠାରୁ ଆଇନତଃ ଦୁଇରୁ ତିନି ଗୁଣା ଜରିମାନା ଆଦାୟ ବ୍ୟବସ୍ଥା ।
★ ଚାଲାଣ କଟାଯାଉଥିବା ସ୍ଥାନର ତଥ୍ୟ, ଆଇନ୍ ଉଲଙ୍ଘନ କରିଥିବା ଯାନ ତଥା ଡ୍ରାଇଭରଙ୍କ ଫଟୋଗ୍ରାଫ ଉଠାଇବା ବ୍ୟବସ୍ଥା ।
★ ଚାଲାଣ କଟାଯିବା ସଙ୍ଗେ ସଙ୍ଗେ ମୋଟରଯାନ ମାଲିକ ତଥା ଚାଳକଙ୍କ ପଞ୍ଜିକୃତ ମୋବାଇଲ ନମ୍ବରକୁ SMS ମାଧ୍ୟମରେ ସୂଚନା ପ୍ରଦାନର ବ୍ୟବସ୍ଥା ।
★ ଜନସାଧାରଣଙ୍କ ଦ୍ୱାରା ପରିବହନ ବିଭାଗ ସମ୍ବନ୍ଧୀୟ ସମସ୍ତ ଟିକସ, ଫି ଓ ଜରିମନା ଡିଜିଟାଲ୍ ମୋଡ୍ ରେ ପୈଠ କରିବାର ବ୍ୟବସ୍ଥା ।
★ ଇ-ଚାଲାଣ ଯନ୍ତ୍ର ଦ୍ୱାରା ଘଟଣା ସ୍ଥଳରେ ମୋଟରଯାନ ଯାଞ୍ଚ ରିପୋର୍ଟ (VCR) ପ୍ରଦାନ କରାଯିବାର ବ୍ୟବସ୍ଥା ।
★ କ୍ରେଡ଼ିଟ୍ / ଡ଼େବିଟ୍ କାର୍ଡ଼ ମାଧ୍ୟମରେ ଘଟଣା ସ୍ଥଳରେ ଜରିମନା ପୈଠ ବ୍ୟବସ୍ଥା ।
★ ସମସ୍ତ ପ୍ରକାର ମାନୁଆଲ୍ ଚାଲାଣ ପ୍ରଦାନ ସମ୍ପୂର୍ଣ୍ଣ ରୂପେ ବନ୍ଦ ।
★ ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ ପୂର୍ବରୁ ମାସକୁ ହାରାହାରି ୧୫୦୦୦ ମୋଟରଯାନ ଯାଞ୍ଚ ରିପୋର୍ଟ (VCR) ହେଉଥିବା ବେଳେ ଏବେ ମାସକୁ ହାରାହାରି ୩୦୦୦୦ ରୁ ଉର୍ଦ୍ଧ୍ୱ ମୋଟରଯାନ ଆଇନ ଉଲଂଘନକାରୀଙ୍କୁ ଧରାଯାଇ ପାରୁଛି ।
★ ପରିବହନ ବିଭାଗର ସମସ୍ତ ବଳବତ୍ତକରଣ ଅଧିକାରୀଙ୍କୁ ଇ-ଚାଲାଣ ଯନ୍ତ୍ର ଯୋଗାଇ ଦିଆଯାଇଛି ।
★ ୩୨ ଗୋଟି ପୁଲିସ ଜିଲ୍ଲାର ଥାନା ଗୁଡ଼ିକୁ ପ୍ରଥମ ଦଫାରେ ୧୦୨ ଗୋଟି ଇ-ଚାଲାଣ ଯନ୍ତ୍ର ଯୋଗାଇ ଦିଆଯାଇଛି ।

ଇ-ଚାଲାଣ ଯନ୍ତ୍ରଟି **Vahan** ଓ **Sarathi** ଆପ୍ଲିକେସନର ସର୍ବଭାରତୀୟ ଡାଟାବେସ୍ ସହ ସଂଯୁକ୍ତ ହୋଇଥିବାରୁ ଦେଶର ଯେକୌଣସି ମୋଟରଯାନ ତଥା ଚାଳକ ସମ୍ବନ୍ଧୀୟ ତଥ୍ୟ ତତ୍‌କ୍ଷଣାତ୍ ଜଣାପଡିପାରୁଛି । ଏହା ଦ୍ୱାରା ମୋଟରଯାନ ମାଲିକ ତଥା ଚାଳକ ସତର୍କ ହେବେ ଯଦ୍ୱାରା ସଡ଼କ ଦୁର୍ଘଟଣା ହ୍ରାସ ପାଇ ପାରିବ ।

**ପରିବହନ କମିଶନର, ଓଡ଼ିଶା**

### ସଡ଼କ ସୁରକ୍ଷା ଶପଥ

**ମୁଁ ଜଣେ ସଚେତନ ନାଗରିକ;**

- ମୁଁ ଦୁଇ ଚକିଆ ଯାନ ଚଳାଇବା ବେଳେ ସଠିକ୍ ହେଲ୍‌ମେଟ୍ ପିନ୍ଧେ ଓ ଚାରି ଚକିଆ ଯାନ ଚଳାଇବା ବେଳେ ସିଟ୍ ବେଲ୍ଟ ବ୍ୟବହାର କରେ । (ହଁ / ନାହିଁ)
- ମୁଁ ନିଶା ସେବନ କରି ଗାଡ଼ି ଚଳାଏ ନାହିଁ । (ହଁ / ନାହିଁ)
- ମୁଁ ଧାର୍ଯ୍ୟ ବେଗ ଠାରୁ ଅଧିକ ବେଗରେ ଗାଡ଼ି ଚଳାଏ ନାହିଁ । (ହଁ / ନାହିଁ)
- ମୁଁ ଗାଡି ଚଳାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରେ ନାହିଁ । (ହଁ / ନାହିଁ)
- ରାସ୍ତାରେ ଯାତାୟତ କରୁଥିବା ସମସ୍ତଙ୍କ ଅଧିକାରକୁ ମୁଁ ସମ୍ମାନ ଦିଏ । (ହଁ / ନାହିଁ)

**ଯଦି ଆପଣଙ୍କର ପାଞ୍ଚଟି ଯାକ ଉତ୍ତର ହଁ ହୁଏ ତେବେ ଆପଣ ଜଣେ ସଚେତନ ନାଗରିକ ।**

୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ କୁଇଜ୍ ପ୍ରତିଯୋଗିତା, ଚିନ୍ତାଧାରା ପ୍ରତିଯୋଗିତା ଓ ଡ଼ିଜିଟାଲ୍ ହାକାଥନ୍ ପ୍ରତିଯୋଗିତା ପାଇଁ ପଦକ୍ଷେପ ନିଆଯାଇଛି । କୁଇଜ୍ ପ୍ରତିଯୋଗିତାଟି ତା.୦୮.୦୨.୨୦୧୯ରିଖ ପର୍ଯ୍ୟନ୍ତ ସମସ୍ତ ଦିନ ୨୪ ଘଣ୍ଟା ଚାଲୁ ରହିଛି । କୁଇଜ୍ ପ୍ରତିଯୋଗିତା ପାଇଁ ଘୋଷିତ ପୁରସ୍କାର ବ୍ୟତୀତ ପ୍ରତିଦିନ ତିନିଜଣ ପ୍ରତିଯୋଗୀଙ୍କୁ ୧୦୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି । ଏ ସମ୍ବନ୍ଧରେ ସବିଶେଷ ବିବରଣୀ ପାଇଁ www.odisharoadsafety.org / www.odishatransport.gov.in ୱେବସାଇଟ୍‌କୁ ଦେଖନ୍ତୁ ।

**ସୌଜନ୍ୟ :- ଓଡ଼ିଶା ରୋଡ୍ ସେଫ୍ଟି ସୋସାଇଟି**



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଉଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।

-ସନ୍ଥ କବୀର ଦାସ

## ସଂକ୍ଷେପରେ

### ଓଲଟିଲା ମାଲ୍ ବୋଝେଇ ଟ୍ରକ୍



ବନ୍ଧୁଗାଁ,୬।୨(ଡି.ଏନ୍.ଏ.): ବନ୍ଧୁଗାଁ ବ୍ଲକ୍ ନୀଲାବାଡ଼ି ପଞ୍ଚାୟତ ଗଜେରୀଗୁଡ଼ା ଗ୍ରାମ ନିକଟରେ ମାଲ୍ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଟ୍ରକ୍ ଚାଳକଙ୍କ କାନରେ ସାମାନ୍ୟ ଆଘାତ ଲାଗିଛି। ଛତିଶଗଡ଼ ବାସୁଦାଗ୍ରାମର ସାହୁକାର ମନୋଜ ଅଗ୍ରୱାଲ ୧୨ ଚକିଆ ଟ୍ରକ୍‌ରେ ସାମଗ୍ରୀ ବୋଝେଇ କରି ରାୟଗଡ଼ରୁ ବାହାରି ଆନ୍ଧ୍ରର ବିଶାଖାପାଟଣାମ୍‌କୁ ଯାଉଥିଲେ। ସକାଳ ୧୦ଟାରେ ବନ୍ଧୁଗାଁ ବ୍ଲକ୍ କୁମ୍ଭାରୀପୁଟ୍ ପାରିହେଉଥିବାବେଳେ ଗଡ଼ାଣି ରାସ୍ତାରେ ଭାରସାମ୍ୟ ହରାଇ ଟ୍ରକ୍‌ଟି ଓଲଟି ପଡ଼ିଥିଲା। ବନ୍ଧୁଗାଁ ପୋଲିସ ଟ୍ରକ୍‌କୁ ଜବତ କରିଛି।

### ସଭାସମିତି ପାଇଁ ଗଡୁଛି ବସ୍, ଯାତ୍ରୀଙ୍କୁ ମିଳୁନି ଗାଡ଼ି

ବୈପାରୀଗୁଡ଼ା,୬।୨(ଡି.ଏନ୍.ଏ.): ନିର୍ବାଚନ ପାଖେଇ ଆସୁଥିବା ବେଳେ ଲୋକଙ୍କୁ ନିଜ ଆଡକୁ ଟାଣିବା ପାଇଁ ବିଭିନ୍ନ ଦଳ ସଭାସମିତି କରୁଛନ୍ତି। ଏଥିପାଇଁ ଗାଁ ଗହଳିରୁ ଲୋକଙ୍କୁ ସଭାସ୍ଥଳକୁ ଆଣିବା ପାଇଁ ସରକାରୀ ଓ ବେସରକାରୀ ବସ୍ ଲାଗୁଛି। ଆଦିବାସୀ ଇଲାକାରେ ବହୁତ ଗାଁ ରହିଛି, ଯେଉଁଠି ଲୋକେ ହାତ ଗଣତି ଘରୋଇ ବସ୍ ଉପରେ ନିର୍ଭର କରନ୍ତି। କିନ୍ତୁ ସେମାନଙ୍କ ଆବଶ୍ୟକତାକୁ ଅଣଦେଖା କରାଯାଇ ବସ୍‌ଗୁଡ଼ିକୁ ବିଭିନ୍ନ ସମାବେଶ କାମରେ ନିୟୋଜିତ କରାଯାଉଛି। ବୈପାରୀଗୁଡ଼ା-ଦଣ୍ଡାବାଡ଼ି ଏବଂ ବୈପାରୀଗୁଡ଼ା-କୁଦୁରାକୁ ସୀମିତ ଘରୋଇ ବସ୍ ଚଳାଚଳ କରୁଛି। ଉକ୍ତ ଦିନରେ ବସ୍ ଚଳାଚଳ ସଂପୂର୍ଣ୍ଣ ବନ୍ଦ ହୋଇଗଲେ ଯାତ୍ରୀମାନଙ୍କୁ ବହୁତ ହଇରାଣ ହେବାକୁ ପଡୁଛି। ବ୍ଲକ ସଦରକୁ ସରକାରୀ କାମରେ ଆସୁଥିବା ଲୋକେ ଅଥବା ବିଦ୍ୟାଳୟ କଲେଜକୁ ଯିବାଆସିବା କରୁଥିବା ଛାତ୍ରୀଛାତ୍ର ଓ ଶିକ୍ଷକ ହଇରାଣ ହେଉଛନ୍ତି। ଏହାର ସୁଯୋଗ ନେଇ କେତେକ ଅଟୋ ଚାଳକ ଅଧିକ ଭଡ଼ା ମଧ ଆଦାୟ କରୁଛନ୍ତି। ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ବାର୍ ସଂଘର ସ୍ମୃତିସଭା



ବୋରିଗୁମ୍ମା,୬।୨(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ବାର୍ ସଂଘ ସଭ୍ୟ ବରିଷ୍ଠ ଆଇନଜୀବୀ କାହ୍ନୁଚରଣ ମହାନ୍ତିଙ୍କ ଅକାଳ ବିୟୋଗରେ ବୋରିଗୁମ୍ମା ଆଇନଜୀବୀ ସଂଘ ଶୋକସଭା ପାଳିଛି। ଏଥିରେ ସଂଘ ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ଲାଲୁ ଷଡ଼ଙ୍ଗୀ, ସୁବାସ ନାୟକ, ପ୍ରସାଦ ସାହୁ, ରମେଶ ମିଶ୍ର, ପ୍ରଫୁଲ୍ଲ ଦଣ୍ଡସେନା, ମନୋଜ ଦଳେଇ , ହରିହର ରଥ, ସୀମାଞ୍ଚଳ ଯାଦବ, ରମେଶ ନାୟକ, ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

### ମଦ ଜବତ, ଜଣେ ଗିରଫ

ଦିଗପହଣ୍ଡି/ପାଟପୁର, ୬।୨(ଡି.ଏନ.ଏ.): ସାନଖେମୁଣ୍ଡି ବ୍ଲକ ସିଙ୍ଗପୁର ଗ୍ରାମରେ ପୋଲିସ ବୁଧବାର ସକାଳ ପ୍ରାୟ ସାଢ଼େ ୭ଟାରେ ଚଢ଼ାଉ କରି ମଦ ବିକ୍ରେତା ସୁବାସ ଚନ୍ଦ୍ର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୁବାସଙ୍କ ପାନ ଦୋକାନରୁ ୯୫ଟି ବୋତଲ ଦେଶୀ ମଦ ପାଉଚ ଜବତ କରି ନଂ.୨୬/୧୯ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଥିବା ଆଇଆଇସି ରମେଶ କୁମାର ପ୍ରଧାନ ଜଣାଇଛନ୍ତି।

# ଜୟପୁରରୁ ବିମାନ ଉଡ଼ିବା ଆଶା ସଞ୍ଚାର

ଜୟପୁର,୬।୨(ନି.ପ୍ର.)

## ଲାଇସେନ୍ସ ପାଇଁ ଡିଜିସିଏ ନିକଟରେ ହେଲା ଆବେଦନ



ପ୍ରସ୍ତୁତ ହୋଇ ରହିଥିବା ଜୟପୁର ଏୟାରଷ୍ଟ୍ରିପ୍।

ଭିତ୍ତିଭୂମି କାର୍ଯ୍ୟ ସରିବା ପରେ ଏବେ ଜୟପୁର ଏୟାରଷ୍ଟ୍ରିପ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଲାଇସେନ୍ସ ପାଇଁ ଡିଜିସିଏ ନିକଟରେ ବିଭାଗ ଗତ ସୋମବାର ଆବେଦନ କରିଛି। ଏହା ହସ୍ତଗତ ହେବା ପରେ ଜୟପୁର ଏୟାରଷ୍ଟ୍ରିପ୍‌ରୁ ବିମାନ ଉଡ଼ିବ। ଉଡ଼ାଣ ପାଇଁ ଡିଜିସିଏର ଅନୁମତି ମିଳିବା ପୂର୍ବରୁ ନିରାପତ୍ତା ଓ ଟ୍ରାଫିକ କଣ୍ଟ୍ରୋଲ ସିଷ୍ଟମ ତଦାରଖ ପାଇଁ ଦିଲ୍ଲୀ ଏବଂ କୋଲକାତାରୁ ବିଶେଷଜ୍ଞ ଦଳ ଆସିବେ। ଗତ ୪ ତାରିଖ ଡିଜିସିଏକୁ ଉଡ଼ାଣ ଅନୁମତି ପାଇଁ ଆବେଦନ କରାଯାଇଥିବା ବେଳେ ଆନୁସଙ୍ଗିକ ଭିତ୍ତିଭୂମି କାମ ସାରି ଆମେ ପ୍ରସ୍ତୁତ ରହିଛୁ ବୋଲି ରାସ୍ତା ଓ ଗୃହ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଚଳିତ ମାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋରାପୁଟ ଗସ୍ତ କରିବା କାର୍ଯ୍ୟକ୍ରମ ରହିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତାଙ୍କ ଗସ୍ତ ସମୟରେ ହିଁ ଏଠାରୁ ବିମାନ ଉଡ଼ାଣର ଶୁଭାରମ୍ଭ କରାଯିବ ବୋଲି ଅନୁମାନ କରାଯାଉଛି।

ଦକ୍ଷିଣ ଓଡ଼ିଶାର ବାଣିଜ୍ୟ ତଥା ଯୋଗାଯୋଗର ପ୍ରମୁଖ ସହର ଜୟପୁରରେ ୧୯୬୨ରେ ପ୍ରତିଷ୍ଠା ହୋଇଥିଲା ଏହି ଏୟାରଷ୍ଟ୍ରିପ୍। ୧୯୮୦ରେ ବାୟୁଦୂତ ନାମକ ୧୮ ସିଟ୍‌ବିଶିଷ୍ଟ ବିମାନ ୨ ବର୍ଷ ଯାଏଁ ଚଳାଚଳ କରି ପରେ ତାହା ବନ୍ଦ ହୋଇଯାଇଥିଲା। ୨୦୧୬ ଜାନୁଆରୀରେ ପୁଣିଥରେ ଏଠାରୁ ଏୟାର ଓଡ଼ିଶାର ବିମାନ ଉଡ଼ାଣ ଆରମ୍ଭ କରିଥିଲେ ମଧ ତାହା ବି ପରେ ବନ୍ଦ ରହିଥିଲା। କିନ୍ତୁ ଉଡ଼ାଣ ଯୋଜନାରେ ଝାରସୁଗୁଡ଼ା, ଉତ୍କେଲା ସହ ଜୟପୁର ଏୟାରଷ୍ଟ୍ରିପ୍‌କୁ କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିବା ପରେ ଏଠାରୁ ପୁଣିଥରେ ବିମାନ ଉଡ଼ାଣର ଆଶା ସଂଚାର ହୋଇଥିଲା। ଏହି କ୍ରମରେ ଜମି ଅଧିଗ୍ରହଣ କରାଯାଇ ଏୟାରଷ୍ଟ୍ରିପ୍‌ର ପରିସୀମା ୬୦ ଏକରରୁ ୧୨୮କୁ ବୃଦ୍ଧି କରାଗଲା । ୧୮ ସିଟ୍ ବିଶିଷ୍ଟ ଏମ୍ ୨୮ ଏୟାରକ୍ରାଫ୍ଟର ଉଡ଼ାଣ ପାଇଁ ରନୱେର ଲମ୍ବକୁ ୯୧୪ ମିଟର ଏବଂ ଓସାରକୁ ୨୩ ମିଟର କରାଗଲା । ଏହାସହ ସୁରକ୍ଷା ପାଚେରି, ଟର୍ମିନାଲ, ପାର୍କିଂ ଏରିଆ, ପ୍ରିକସନ ଆପ୍ରୋଚ୍ ପାଥ୍ ଇଣ୍ଡିକେଟର (ପିଏପିଆଇ), ହାଇ ଫ୍ରିକ୍ୱେନ୍ସି କମ୍ୟୁନିକେସନ ଆଣ୍ଟିନା, ସିଗ୍‌ନାଲ ଲାଇଟ୍ ସଂଯୋଗ, ମୋବାଇଲ ଏୟାର ଟ୍ରାଫିକ କଣ୍ଟ୍ରୋଲ ସେଣ୍ଟର ନିର୍ମାଣ କାମ ସରିଥିବା ବେଳେ ଫିନିସିଂ କାମ ମଧ ଇତିମଧରେ ଶେଷ ହୋଇଛି । ଚଳିତ ମାସରେ ଏୟାରଷ୍ଟ୍ରିପ ଉଦ୍‌ଘାଟନ କରାଯିବ। ଦିଲ୍ଲୀରୁ କେନ୍ଦ୍ରୀୟ ଟିମ ଆସି ସ୍ଥିତି ଅନୁଧ୍ୟାନ କରିବା ପରେ ଏଠାରୁ ଭୁବନେଶ୍ୱର, ହାଇଦରାବାଦ, ରାୟପୁରକୁ ବିମାନ ଉଡ଼ିବ।

# ଶହୀଦ ନରସିଂହଙ୍କୁ ଦିଆଗଲା ଶ୍ରଦ୍ଧାଞ୍ଜଳି



ଶହୀଦ ଦିବସରେ ନରସିଂହ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

କୋରାପୁଟ,୬।୨(ସ୍ୱ.ପ୍ର.)

ପୁରୁଣା କୋରାପୁଟ କଲୋନୀସ୍ଥିତ ଶହୀଦ ନରସିଂହଙ୍କ ପ୍ରତିମୂର୍ତ୍ତିରେ ବୁଧବାର ମାଲ୍ୟାର୍ପଣ କରାଯିବା ସହ ତାଙ୍କର ୧୫ତମ ଶହୀଦ ଦିବସ ପାଳନ କରାଯାଇଛି। ୨୦୦୪ ଫେବୃଆରୀ ୬ରେ ମାଓବାଦୀଙ୍କ ସହ ଲଢ଼ିବା ବେଳେ ଶହୀଦ ହୋଇଥିବା ନରସିଂହ ନାୟକଙ୍କ ସ୍ମୃତିରେ ଏହି ଦିବସ ପାଳିତ ହୋଇଆସୁଛି । ଏହି ଅବସରରେ ପୁରୁଣା କୋରାପୁଟ ଛକସ୍ଥିତ ଶହୀଦଙ୍କ ପ୍ରତିମୂର୍ତ୍ତିରେ ଆର୍‌ଆଇ ସୁବାସ ଚନ୍ଦ୍ର ନାୟକଙ୍କ ସମେତ ପୋଲିସର ବହୁ ପଦସ୍ଥ ଅଧିକାରୀ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶହୀଦ ନରସିଂହଙ୍କ ସ୍ତ୍ରୀ କମଳା ନାୟକ, ପରିବାରର ଶିବାନି ନାୟକ, ପ୍ରିୟଙ୍କା ନାୟକ, ଲାଲୁ ଖରା, କାହ୍ନୁଚରଣ ପୂଜାରୀ ଉପସ୍ଥିତ ଥିଲେ। ଜିଲା ରଣା ଯୁବକ ସଂଘ ସଭାପତି କାମାକ୍ଷାପ୍ରସାଦ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୫ ବ୍ଲକରେ ଗଠିତ ହେଲା କୃଷକ ଉତ୍ପାଦକ ଗୋଷ୍ଠୀ




କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

କୋରାପୁଟ,୬।୨(ସ୍ୱ.ପ୍ର.)

କୋରାପୁଟ ଜିଲାରେ କୃଷିର ଉନ୍ନତି ପାଇଁ ୫ଟି ବ୍ଲକରେ ଗଠନ କରାଯାଇଛି କୃଷକ ଉତ୍ପାଦକ ଗୋଷ୍ଠୀ। ସ୍ଥାନୀୟ ପ୍ରଗତି ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟାଳୟରେ ସମ୍ପାଦକ ପ୍ରଭାକର ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନାବାର୍ଡର ଏଜିଏମ ମୁରଲି ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ନନ୍ଦପୁର, ଲମତାପୁଟ, କୋଟପାଡ଼, ବୋରିଗୁମ୍ମା, କୋରାପୁଟ ବ୍ଲକରେ କୃଷି ଓ ଚାଷୀର ଉନ୍ନତି ସହ ଉତ୍ପାଦିତ କୃଷି ସାମଗ୍ରୀର ବିକ୍ରିବଟା ପାଇଁ ଏହି କୃଷକ ଉତ୍ପାଦିତ ଗୋଷ୍ଠୀ କାର୍ଯ୍ୟ କରିବ । ଏହି ଗୋଷ୍ଠୀର ପରିଚାଳନା ପାଇଁ ଅଧ୍ୟକ୍ଷ ଓ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଦାୟିତ୍ୱ ଦିଆଯାଇଛି। କୋଟପାଡ଼ ବ୍ଲକର କୃଷକ ଉତ୍ପାଦକ ଗୋଷ୍ଠୀର ଅଧ୍ୟକ୍ଷ ଭାବେ ଭଗବତୀ ଗାଦବା ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ପବିତ୍ର ନାୟକ, ନନ୍ଦପୁର ବ୍ଲକ ଗୋଷ୍ଠୀ ଅଧ୍ୟକ୍ଷ ଭାବେ ଜୟସେନ ପାଙ୍ଗି, କାର୍ଯ୍ୟନିର୍ବାହୀ ଭାବେ ଅମୀୟ ଦାସ, ଲମତାପୁଟ ବ୍ଲକ ଗୋଷ୍ଠୀ ଅଧ୍ୟକ୍ଷ ଭାବେ ଭଗବାନ ବୈରାଗୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ସଦାନନ୍ଦ ସିଂ, ବୋରିଗୁମ୍ମା ବ୍ଲକ ଗୋଷ୍ଠୀ ଅଧ୍ୟକ୍ଷ କମଲୁ ଗାଦବା ଓ କାର୍ଯ୍ୟନିର୍ବାହୀ ଭାବେ ମୁରଲିଧର ଅଧିକାରୀ ଓ କୋରାପୁଟ ବ୍ଲକ ଗୋଷ୍ଠୀ ଅଧ୍ୟକ୍ଷ ଭାବେ ଧନୁର୍ଜୟ ନାୟକ, କାର୍ଯ୍ୟ ନିର୍ବାହୀ ଭାବେ ଚାଚିର ମାଡିଙ୍ଗାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି । ଏହି ଅବସରରେ ମନୋନୀତ ସମସ୍ତ ଅଧକ୍ଷ ଓ ମୁଖ୍ୟ କାର୍ଯ୍ୟନିର୍ବାହୀମାନେ ଉପସ୍ଥିତ ଥିଲେ।

# ନୂଆପୁକି ରାସ୍ତା ପାଲଟିଛି ମରଣଯନ୍ତା, ମରାମତି ଦାବି

କୋଲାବନଗର,୬।୨(ଡି.ଏନ୍.ଏ.)

କୋରାପୁଟ ଜିଲା ସଦର ବ୍ଲକ୍ ବଡ଼କେରେଙ୍ଗା ପଞ୍ଚାୟତ ବିସ୍ଥାପିତ ଗ୍ରାମ ନୂଆପୁକି ରାସ୍ତା ମରଣଯନ୍ତା ପାଲଟିଛି। କୋଲାବ ଜଳଭଣ୍ଡାରରେ ଧୋଇ ହୋଇଯିବା ପରେ ୧୯୮୪ ମସିହାରେ ଅପର କୋଲାବ ପ୍ରକଳ୍ପ କର୍ତ୍ତୃପକ୍ଷ ଉକ୍ତ ଗ୍ରାମକୁ ଡ୍ୟାମ୍ ନିମ୍ନଭାଗରେ ଥିବା ଏକ ଖୋଲା ପଡ଼ିଆରେ ଥଇଥାନ କରିଥିଲେ। ଗ୍ରାମବାସୀଙ୍କ ସହମତି ମଧ ରହିଥିଲା। ଉକ୍ତ ଗ୍ରାମରେ ୧୧ ଆଦିବାସୀ ଏବଂ



୫୪ ଘର ହରିଜନ ବସବାସ କରୁଛନ୍ତି। କୋଲାବ ଡ୍ୟାମ୍ ନିମ୍ନଭାଗରେ ଯାଇଥିବା ଓ ଲମତାପୁଟ ବ୍ଲକ୍‌କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ନୂଆପୁକି ଗ୍ରାମର ୧୫ଶହ ମିଟର ଉକ୍ତ ପିଚୁ ରାସ୍ତାଟି ଲାଗିଛି। ଏହି ରାସ୍ତା କୋରାପୁଟ ବ୍ଲକ୍ ତରଫରୁ ୧୯୮୬ରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିଲା। ନିର୍ମାଣ ହେବାର ୩ ବର୍ଷ ମଧରେ ରାସ୍ତାରୁ ପିଚୁ ଖୋଳପା ଉଠିବାରେ ଲାଗିଛି। ଗମନାଗମନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗ୍ରାମବାସୀ ଜିଲା ପ୍ରଶାସନ, କୋଲାବ ଡ୍ୟାମ୍ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ କୌଣସି ସୁଫଳ ମିଳୁ ନାହିଁ। ରାସ୍ତା ମରାମତି କରାଯାଉ ନାହିଁ ବୋଲି ମୁକୁନ୍ଦ ଖୋସଲା, ଦୈତାରୀ ଖୋସ୍‌ଲା, ଧନପତି ଖୋସଲା, ଅଭି ଖରା, ବୀରେନ୍ଦ୍ର ଖିଲ, ପଦ୍ମନ ଖିଲ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ରାସ୍ତା ମରାମତି କରିବାକୁ ଦାବି ହୋଇଛି।

# ଅସ୍ୱାସ୍ଥ୍ୟକର ପରିବେଶରେ ମଧ୍ୟାହ୍ନଭୋଜନ



ପିଲାମାନେ ମଧ୍ୟାହ୍ନଭୋଜନ ଖାଉଛନ୍ତି।

ଦଶମନ୍ତପୁର,୬।୨(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ୍ ଅଧୀନ ପି. ବେଡ଼ାପଦର ଗ୍ରାମପଞ୍ଚାୟତ ଡି. ମଙ୍ଗରାଜଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ମଧ୍ୟାହ୍ନଭୋଜନ ଖାଇବାକୁ ଦିଆଯାଉଥିବା ଅଭିଯୋଗ ହୋଇଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀଯାଏ ୩୧ ଜଣ ପିଲା ନାମ ଲେଖାଇ ଥିବାବେଳେ ଶିକ୍ଷାଦାନ ପାଇଁ ଗୋଟିଏ ଶ୍ରେଣୀଗୃହ ରହିଛି। ଦୁଇ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଶ୍ରେଣୀଗୃହ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ପ୍ରଧାନଶିକ୍ଷକ ହରେକୃଷ୍ଣ ନାୟକ କହିଛନ୍ତି। ଜରାଜୀର୍ଣ୍ଣ କୋଠାତଳେ ପିଲାଙ୍କୁ ମଧ୍ୟାହ୍ନଭୋଜନ ଖାଇବାକୁ ଦିଆଯାଉଛି। କେତେବେଳେ ଛାତରୁ ବିଷାକ୍ତ ପୋକ ପିଲାଙ୍କ ଖାଦ୍ୟରେ ପଡ଼ିବ। ତାହା କେହି କହିପାରିବେନି। ମଧ୍ୟାହ୍ନଭୋଜନରେ ନିମ୍ନମାନର ଖାଦ୍ୟ ମଧ ରହୁଛି। ଏପରି କି ମଧ୍ୟାହ୍ନଭୋଜନ ସାମଗ୍ରୀ ରଖିବାକୁ ଘର ନ ଥିବାରୁ ଏହା ଅନେକ ସମୟରେ ନଷ୍ଟ ହୋଇଯାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଶିକ୍ଷାବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ପ୍ରଧାନଶିକ୍ଷକ କହିଛନ୍ତି। ବିଦ୍ୟାଳୟ ସମସ୍ୟା ସମାଧାନ କରିବାକୁ ଅଭିଭାବକ ଦାବି କରିଛନ୍ତି।

## ■ ନାଲ୍‌କୋର ସଡ଼କ ସୁରକ୍ଷା ସପ୍ତାହ

# ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଳାଇବାକୁ ପରାମର୍ଶ

ଦାମନଯୋଡ଼ି,୬।୨(ସ୍ୱ.ପ୍ର.)



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଦାମନଯୋଡ଼ି ନାଲ୍‌କୋ ଖଣି ଓ ପରିଶୋଧନାଗାର ସଡ଼କ ସୁରକ୍ଷା ସପ୍ତାହ ପାଳିଛି। ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶୋଭାଯାତ୍ରା, ପଥପ୍ରାନ୍ତ ପ୍ରଦର୍ଶନ ଏବଂ ସ୍କୁଲ ପିଲାମାନଙ୍କ ମଧରେ ସଚେତନତା ସୃଷ୍ଟି କରାଯାଇଛି। ଶାବେରୀ ଲେକ୍‌ଠାରେ ଏହାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନାଲ୍‌କୋ ପରିବେଶ ଓ ସୁରକ୍ଷା ବିଭାଗ ପକ୍ଷରୁ ମାନବ ସମ୍ବଳ ଟ୍ରେନିଂ ସେଣ୍ଟର ଅଡ଼ିଟୋରିୟମ୍ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ , ସମ୍ମାନିତ ଅତିଥି ଫ୍ୟାକ୍ଟ୍ରି ଓ ବଏଲର ଡେପୁଟି ଡାଇରେକ୍ଟର ସ୍ୱରୂପ ଜେନା, ନାଲ୍‌କୋ ମହାପ୍ରବନ୍ଧକ ରାଜୀବ ମିଶ୍ର, ଭୀମସେନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଲୋକମାନେ ବିଶେଷ କରି ଯୁବଗୋଷ୍ଠୀ ସଡ଼କ ସୁରକ୍ଷା ନିୟମାବଳୀ ଏବଂ ଟ୍ରାଫିକ୍ ନିୟମ ପାଳନ କରି ଗାଡ଼ି ଚାଳନା କରିବା ଉଚିତ୍ । ଏହାଦ୍ୱାରା ସଡ଼କ ଦୁର୍ଘଣାର ସମ୍ମୁଖୀନ ହେବେ ନାହିଁ ବୋଲି ମୁଖ୍ୟ ଅତିଥି ଦାସ କହିଛନ୍ତି। ଟାଉନ୍‌ସିପ୍ ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ବିକ୍ରମ, ବୀରେନ୍ଦ୍ର, ସ୍ମୃତିରେଖା, ରାକେଶ, ଶ୍ରୀନିବାସ, ରିତେଶ, ଅନ୍ୟନ୍ୟା, ଶିକ୍ଷକ ନରେଶ ସାହୁ, ଅରବିନ୍ଦ ଇଣ୍ଟିଗ୍ରାଲ ସ୍କୁଲର ଦିବ୍ୟଜ୍ୟୋତି, କିଷାନ, ପବିତ୍ର, ବିଶ୍ୱାସ, ଜ୍ୟୋତିପ୍ରକାଶ, ଦିନେଶ, ଶିକ୍ଷୟିତ୍ରୀ ସେଫାଳିକା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଶବ୍ଦ ଓ ଦୃଶ୍ୟପଟ୍ଟ ମାଧ୍ୟମରେ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ପ୍ରଦର୍ଶନ ହୋଇଥିଲା। ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ର ପୁରସ୍କୃତ ହୋଇଛନ୍ତି। ଏଜିଏମ୍ ପି.କେ. ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସୁରେଶ ବାଥୋଲା ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ସିଇଟିର ସଡ଼କ ସୁରକ୍ଷା ସପ୍ତାହ

ସେମିଳିଗୁଡ଼ା,୬।୨(ସ୍ୱ.ପ୍ର.)

ସୁନାବେଡ଼ା ଏନ୍‌ସିଇଟି ସଡ଼କ ସୁରକ୍ଷା ଦିବସ ପାଳନ କରିଛି। ଏନ୍‌ସିଇଟି କାର୍ଯ୍ୟାଳୟରୁ ବାହାରିଥିବା ସଚେତନତା ରଥକୁ ଆରଟିଓ ପି.କେ ଦାଶ ପତାକା ଦେଖା ଶୁଭାରମ୍ଭ କରିଥିଲେ। ଅଧକ୍ଷ ବିଜୟ ଦଳେଇ ଉପସ୍ଥିତ ଥିଲେ। ଏଥିରେ ଲୋକଙ୍କ ମଧରେ ବିଭିନ୍ନ ସଙ୍ଗୀତ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଜାତୀୟ ରାଜ ପଥ ନଂ ୨୬ରେ ମୋଟରସାଇକେଲ, ଚାରିଚକିଆ ଯାନ ଓ ଭାରିଯାନ ଚାଳକଙ୍କୁ ସିଟ ବେଲ୍ଟ ବାନ୍ଧିବା, ହେଲମେଟ୍ ପରିଧାନ କରିବାକୁ କୁହାଯାଇଥିଲା। ସୁନାବେଡ଼ା ପୌରସଂସ୍ଥାଠାରୁ ଆରମ୍ଭ କରି ସେମିଳିଗୁଡ଼ା ପର୍ଯ୍ୟନ୍ତ ଦୀର୍ଘ ୫ କିଲୋମିଟର ଉକ୍ତ ସଚେତନତା ରଥ ଯାତ୍ରା କରିଥିଲା। କୁନି ପିଲାମାନେ ଢେମ୍‌ସା ନାଚ କରିଥିଲେ। ଏମ୍‌ଭିଆଇ ଶୁଭେନ୍ଦୁ ସାହୁ, ବିଜୟ ବିଶ୍ୱାଳ, ନାରାୟଣ କାଳିଆ, ହରି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ସଡ଼କ ସୁରକ୍ଷା ସପ୍ତାହ ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ସରକାରୀ କଲେଜରେ ଆଲୋଚନାଚକ୍ର

କୋରାପୁଟ,୬।୨(ସ୍ୱ.ପ୍ର.): କୋରାପୁଟସ୍ଥିତ ସରକାରୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ମାନବିକ ଅଧିକାର, ସାମାଜିକ ନ୍ୟାୟ ଓ ସାମ୍ବିଧାନିକ ମୂଲ୍ୟବୋଧ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶୁଭେନ୍ଦୁ ଶେଖର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ରେଭେନ୍ସା ମହାବିଦ୍ୟାଳୟର ଭିଜିଟିଙ୍ଗ ପ୍ରଫେସର ତଥା ଗବେଷକ ଡ. ବିଜୟ ବହିଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଆମ ସମ୍ବିଧାନ ବ୍ୟବସ୍ଥା ଭିତରେ ବିବିଧତା ଓ ସହନଶୀଳତାକୁ ସ୍ୱୀକାର କରେ, ସଂଖ୍ୟାଗରିଷ୍ଠଙ୍କ ଦମନଶୀଳତାକୁ ନୁହେଁ । ସାଂପ୍ରତିକ ପରିସ୍ଥିତିରେ ସାମ୍ବିଧାନିକ ମୂଲ୍ୟବୋଧକୁ ବଞ୍ଚାଇ ରଖିବା ଗୁରୁତ୍ୱପୂର୍ଣ୍ଣ। ଅଧିକାର ଓ ନ୍ୟାୟ ସାମାଜିକ ସଂଘର୍ଷରୁ ଜାତ । ସାମାଜିକ ଅଧିକାରର ମାଧମ ମାନବିକ ଅଧିକାର। କେବଳ ସଂରକ୍ଷଣ ମାଧମ ନୁହେଁ। ସାମାଜିକ ନ୍ୟାୟ ପାଇଁ ବହୁମୁଖୀ ପ୍ରୟାସର ଆବଶ୍ୟକତା ରହିଛି। ଅସମାନତା ଓ ସାମାଜିକ ବୈଷମ୍ୟର ପରିମାଣକୁ ହ୍ରାସ କରିବାରେ ସରକାର ଲଗାତାର ଭାବେ ବିଫଳ ହେଉଥିବା କ୍ଷୋଭର ବିଷୟ ବୋଲି ଅତିଥିମାନେ କହିଥିଲେ। ଆଲୋଚନାଚକ୍ରରେ ବିଭାଗୀୟ ଅଧାପକ କୁଳଦୀପ ଲାକ୍ରା ଓ ଡ. ପ୍ରଭାତ ଚନ୍ଦ୍ର ମହାନ୍ତିଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ ବିଭାଗୀୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଜନ୍ମର ୨ମାସ ପରେ ଚତୁର୍ଥ ଶ୍ରେଣୀ ଉତ୍ତୀର୍ଣ୍ଣ

ବୈପାରୀଗୁଡ଼ା,୬।୨(ଡି.ଏନ୍.ଏ.)

## ସ୍କୁଲ ପ୍ରମାଣପତ୍ରରେ ତ୍ରୁଟି



ଶିକ୍ଷା ବିଭାଗ ନିୟମ ଅନୁସାରେ ବିଦ୍ୟାଳୟରେ ନାମ ଲେଖାପାଇଁ ଶିଶୁର ଅନ୍ୟୂନ ବୟସ ୫ ବର୍ଷ ଧାର୍ଯ୍ୟ କରାଯାଇଛି। କିନ୍ତୁ ଆଶ୍ଚର୍ଯ୍ୟ ବିଷୟ ବୈପାରୀଗୁଡ଼ା ବ୍ଲକ୍‌ର ଜଣେ ଆଦିବାସୀ ଛାତ୍ରୀ ଜନ୍ମ ହେବାର ୨ ମାସ ଭିତରେ ଚତୁର୍ଥ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ସ୍କୁଲ ପ୍ରଦତ୍ତ ପ୍ରମାଣପତ୍ରରେ ଉଲ୍ଲେଖ ରହିଛି।

ପ୍ରକାଶଯେ, ବୈପାରୀଗୁଡ଼ା ବ୍ଲକ୍ ଦୁର୍ଗମ ଟିପାକୁର ପଞ୍ଚାୟତ ଅନ୍ତର୍ଗତ କାଉକୁଣ୍ଡ ଗ୍ରାମର ଲକ୍ଷ୍ମଣ ଗୋଲୋରୀଙ୍କ ଝିଅ ରାଧିକା ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ୩୧।୩।୨୦୧୭ରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉକ୍ତ ଛାତ୍ରୀଙ୍କର ଜନ୍ମ ତାରିଖ ୧୫।୫।୨୦୧୭ (ଉଭୟ ସଂଖ୍ୟା ଓ ଅକ୍ଷରରେ) ଉଲ୍ଲେଖ ରହିଛି। ଛାତ୍ରୀ ଜଣଙ୍କ ଚତୁର୍ଥ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଦର୍ଶାଯାଇଛି। ବିଦ୍ୟାଳୟରେ ପ୍ରବେଶ ତାରିଖ ୨।୪।୨୦୧୩ ଉଲ୍ଲେଖ ରହିଛି। ପୁନଶ୍ଚ ବିଦ୍ୟାଳୟ ପରିତ୍ୟାଗ ତାରିଖ ୩୧।୩।୨୦୧୭ ରହିଛି। ଏପରି ଉଲ୍ଲେଖ ଅଛି ଯେ, ଛାତ୍ରୀ ଜଣଙ୍କ ଜନ୍ମ ହେବାର ୪ ବର୍ଷ ପୂର୍ବରୁ ବିଦ୍ୟାଳୟରେ ପ୍ରବେଶ କରିଛନ୍ତି। ଆଉ ଜନ୍ମ ହେବାର ୨ ମାସ ପୂର୍ବରୁ ତାଙ୍କୁ ସ୍କୁଲ ପରିତ୍ୟାଗ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେ ଚତୁର୍ଥ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଏଥିରେ ଦର୍ଶାଯାଇଛି। ସ୍କୁଲ ପରିତ୍ୟାଗ କରିବାର କାରଣ ସଂପର୍କରେ ଅନ୍ୟତ୍ର ପଢ଼ିବା ଉଲ୍ଲେଖ ରହିଛି । ଖବର ନେବାରୁ ଜଣାପଡ଼ିଛି , ସେହି ବର୍ଷ ରାଧିକାଙ୍କ ସହ ଉକ୍ତ ଶ୍ରେଣୀରେ ପଢୁଥିବା ଅନ୍ୟ ଜଣେ ଝିଅର ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ର ରାଧିକଙ୍କ ବାପା ଲକ୍ଷ୍ମଣଙ୍କୁ ପ୍ରଦାନ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ସେମାନେ କୌଣସି ବିଦ୍ୟାଳୟରେ ନାମ ନ ଲେଖାଇଥିବା ବେଳେ ଉକ୍ତ ପ୍ରମାଣପତ୍ରଗୁଡ଼ିକ ଲକ୍ଷ୍ମଣଙ୍କ ପାଖରେ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ରରେ ତଥ୍ୟ ତ୍ରୁଟିପୂର୍ଣ୍ଣ ହେବା ଏହା ଗୋଟିଏ ମାତ୍ର ଦୃଷ୍ଟାନ୍ତ ନୁହେଁ । ଗତ ବର୍ଷ ଏହି ବ୍ଲକ ଅନ୍ତର୍ଗତ ବୋଦାପୁଟ ପଞ୍ଚାୟତର ସୁବର୍ଣ୍ଣପୁର ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ରାଉଳିଗୁଡ଼ା ଗ୍ରାମର ପଦ୍ମିନୀ ମୁଣ୍ଡାଗୁଡ଼ିଆଙ୍କୁ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦାନ କରିଥିବା ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ରରେ ବିଦ୍ୟାଳୟ ପ୍ରବେଶ ତାରିଖ ଓ ବିଦ୍ୟାଳୟ ପରିତ୍ୟାଗ ତାରିଖ ସମାନ ଦିନ (୧୮ ଜୁଲାଇ ୨୦୧୬) ଉଲ୍ଲେଖ ଥିଲା। ତ୍ରୁଟିପୂର୍ଣ୍ଣ ପ୍ରମାଣପତ୍ର ଯୋଗୁ ଅନ୍ୟତ୍ର ନାମ ଲେଖାଇବାରେ ସେମାନଙ୍କୁ ଅନେକ ସମସ୍ୟା ହୋଇଥିଲା। ଏ ସଂପର୍କରେ ଗତ ବର୍ଷ ଏପ୍ରିଲ ୭ ତାରିଖରେ 'ଧରିତ୍ରୀ' ଖବର ପ୍ରକାଶ ପାଇବା ପରେ ସମ୍ପୃକ୍ତ ପ୍ରଧାନଶିକ୍ଷକ ପୂର୍ବ ତ୍ରୁଟି ସଂଶୋଧନ କରି ନୂଆ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏପରି ତ୍ରୁଟି ବାରମ୍ବାର ହେଉଥିବା ବେଳେ ଶିକ୍ଷା ବିଭାଗର ଚେତା ନ ପଶିବା ବିଡ଼ମ୍ବନାର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ମହିଳାଙ୍କୁ ବଳାତ୍କାର ଉଦ୍ୟମ ଘଟଣାରେ ୨ ଗିରଫ

**କାଲିମେଲା, ୬।୨ (ଡି.ଏନ.ଏ)**

ମାଲକାନଗିରି ଜିଲା ଏମଭି-୭୯ ଥାନା ଅନ୍ତର୍ଗତ ଏମଭି-୯୬ ଗ୍ରାମ ନିକଟସ୍ଥ ଅଞ୍ଚଳରେ ଜଣେ ଆଦିବାସୀ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ଘଟଣାରେ ୨ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ଏମଭି-୯୬ ଗ୍ରାମର ବିଧାନ ସୂତାର ଓ ଉମା ଚରଣ ବରେଇ। ଉଭୟେ ସମ୍ପୃକ୍ତା ମହିଳାଙ୍କୁ ରାସ୍ତାରେ ଲିଫ୍ଟ ଦେବା ବାହାନାରେ ବାଇକ ଯୋଗେ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ମହିଳା ଜଣକ ଏମଭି-୭୯ ଥାନାରେ ଅଭିଯୋଗ କରିଥିଲେ। ଘଟଣାଟି ଗତ ରବିବାର ଘଟିଥିଲା । ଘଟଣା ପରଠାରୁ ଉଭୟ ଯୁବକ ଫେରାର ଥିଲେ। ତେବେ କେସ୍ ନଂ. ୭/୧୯ରେ ମାମଲା ରୁଜୁ କରି ପୋଲିସ ଉମାଚରଣଙ୍କୁ ମଙ୍ଗଳବାର ଧରିନେଇ ଥାନାରେ ଅଟକ ରଖି ପଚରାଉଚରା କରୁଥିଲା। ବିଧାନ ଫେରାର ଥିଲେ। ତେବେ ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ବୁଧବାର ତାଙ୍କୁ ନିକଟସ୍ଥ ଗ୍ରାମରୁ ଗିରଫ କରାଯାଇଛି। ସେ ଆନ୍ଧ୍ରପ୍ରଦେଶ ଚାଲିଯିବାକୁ ଚେଷ୍ଟା କରୁଥିଲେ। ବୁଧବାର ଅଭିଯୁକ୍ତ ଦୁଇ ଯୁବକ ଓ ସମ୍ପୃକ୍ତା ମହିଳାଙ୍କ ଡାକ୍ତରୀ ମାଇନା କରାଯାଇଛି। ସୂଚନାଯୋଗ୍ୟ ଯେ, ମହିଳା ଜଣକ ରାସ୍ତାରେ ଚାଲିଚାଲି ଯାଉଥିବା ବେଳେ ବିଧାନ ଓ ଉମାଚରଣ ତାଙ୍କୁ କେଉଁଠିକୁ ଯିବ ବୋଲି ପଚାରିଥିଲେ। ମହିଳା ଜଣକ କାଲିମେଲା ଯିବାକୁ କହିବାରୁ ଆମେ କାଲିମେଲା ଯାଉଛୁ। ଆସ ଆମେ ତମକୁ କାଲିମେଲାରେ ଛାଡିଦେବୁ ବୋଲି କହିଥିଲେ। ସେମାନଙ୍କୁ ବିଶ୍ୱାସ କରି ସମ୍ପୃକ୍ତା ମହିଳା ସେମାନଙ୍କ ବାଇକ୍‌ରେ ବସିଥିଲେ। ପରେ ଉଭୟେ କାଲିମେଲା ନ ଯାଇ ନିକଟସ୍ଥ ଏକ ଜଙ୍ଗଲିଆ ରାସ୍ତା ଆଡେ ଗାଡି ନେଇ ତାଙ୍କ ପ୍ରତି ଅସଦାଚରଣ ପ୍ରଦର୍ଶନ କରି ବଳାତ୍କାର ଉଦ୍ୟମ କରିଥିଲେ।




# ମାଲକାନଗିରି ଜିଲାରେ ୪ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର

**ମାଲକାନଗିରି,୬।୨ (ଡି.ଏନ.ଏ.)**

- ୫୪୦ ବୁଥ୍, ୨୬୫୮ ଭିନ୍ନକ୍ଷମ ଭୋଟର
- ୧୯୮ଟି ସମ୍ବେଦନଶୀଳ ବୁଥ୍
- ସୁରକ୍ଷା କଡାକଡି ପାଇଁ ପ୍ରଶାସନର ପ୍ରସ୍ତୁତି

ଆଉ ମାତ୍ର ୨ ମାସ ରହିଲା ସାଧାରଣ ନିର୍ବାଚନ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଚଳିତବର୍ଷ ମାଲକାନଗିରି ଜିଲାର ମାଲକାନଗିରି ଓ ଚିତ୍ରକୋଣ୍ଡା ୨ଟି ନିର୍ବାଚନ ମଣ୍ଡଳୀରେ ମୋଟ ୪ଲକ୍ଷ ୨ହଜାର ୧୪୦ ଭୋଟର ଅଛନ୍ତି। ଏଥିରୁ ୭ହଜାର ୩୨୬ଜଣ ନୂତନ ଭୋଟର ରହିଛନ୍ତି। ଚୂଡାନ୍ତ ତାଲିକା ଅନୁଯାୟୀ ୪ଲକ୍ଷ ୯ହଜାର ୪୬୬ ଭୋଟର ଥିବା ବେଳେ ଏମାନଙ୍କ ମଧ୍ୟରୁ ୨ହଜାର ୬୫୮ ଜଣ ଭିନ୍ନକ୍ଷମ ମହିଳା ପୁରୁଷ ରହିଥିବା ଜଣାପଡିଛି। ଏହି ଭୋଟରମାନେ ମୋଟ ୫୪୦ ବୁଥ୍‌ରେ ଭୋଟ ଦେବେ। ଏହି ୫୪୦ ବୁଥ୍‌ରୁ ୧୯୮ଟି ସମ୍ବେଦନଶୀଳ ବୁଥ ରହିଥିବା ଗୋଇନ୍ଦା ସୂତ୍ରରୁ ଜଣାପଡିଛି। ଏଥିପାଇଁ ପୋଲିସ ପ୍ରଶାସନ ଏବଂ ଜିଲା ପ୍ରଶାସନ ଏହି ବୁଥ୍‌ଗୁଡିକରେ କିପରି ମତଦାତାମାନେ ସୁରକ୍ଷିତ ଭାବେ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବେ ସେନେଇ ପ୍ରସ୍ତୁତି ଚାଲିଛି।

୧୪୬ନଂ. ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ପୁରୁଷ ଭୋଟର ସଂଖ୍ୟା ୧ଲକ୍ଷ ୧୧ହଜାର ୮୦୧ ଥିବା ବେଳେ ମହିଳା ଭୋଟର ସଂଖ୍ୟା ୧ଲକ୍ଷ ୧୩ହଜାର ୭୬୬ ଏବଂ ଅନ୍ୟାନ୍ୟ ୮ ଜଣ ରହିଛନ୍ତି। ଏପରି ମୋଟ ଭୋଟରଙ୍କ ସଂଖ୍ୟା ୨ଲକ୍ଷ ୨୫ହଜାର ୫୭୫। ସେହିପରି ୧୪୭ ନଂ. ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ପୁରୁଷ ଭୋଟର ସଂଖ୍ୟା ୮୮ହଜାର ୩୯୮ ଓ ମହିଳା ଭୋଟର ସଂଖ୍ୟା ୯୫ହଜାର ୪୮୩। ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୧୦ ରହିଛି। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୧ଲକ୍ଷ ୮୩ହଜାର ୮୯୧। ଉଭୟ ନିର୍ବାଚନ ମଣ୍ଡଳୀରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ମହିଳା ଓ ପୁରୁଷ ଭୋଟର ସଂଖ୍ୟା ୨୬୫୮ ବୋଲି ଜଣାପଡିଛି। ଉଭୟ ନିର୍ବାଚନ ମଣ୍ଡଳୀରେ ୧୯୮ଟି ବୁଥ୍ ସମ୍ବେଦନଶୀଳ ରୂପେ ଚିହ୍ନିତ ହୋଇଛି। ଏହି ବୁଥ୍ ମଧ୍ୟରୁ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଲେଗେଡା, ପଣସପୁଟ, ଯନ୍ତ୍ରୀ, ବଡପଡା, ବଡପଦର, ଅଣ୍ଡ୍ରାପାଲି, ଜୋଡାମ୍ବ, ଧୁଳିପୁଟ, ପାପରମେଟଲା, ପାପୁଲୁର, କୁର୍ମାନୁର, କପାତୁଟି, ଗଣ୍ଡାବେଡା, ଦୋରାଗୁଡା ଏବଂ ଖଇରପୁଟ ବ୍ଲକର ମୁଦୁଲିପଡା, ଅଣ୍ଡ୍ରାହାଲ, ମାଡକାପଦର, ବଡଡୁରାଲ, ମାଥିଲି ବ୍ଲକର କିଆଙ୍ଗ, ସାଲିମି, ମହୁପଦର ଭଳି ବୁଥ୍ ମାଓବାଦୀ ପ୍ରବଣ ତଥା ସମ୍ବେଦନଶୀଳ ଅଞ୍ଚଳରେ ରହିଛି। ସେହିପରି ମାଲକାନଗିରି ନିର୍ବାଚନ ମଣ୍ଡଳୀର କାଲିମେଲା ବ୍ଲକର ବଡିଗେଟା, ଟେକଗୁଡା, ମାରିଗେଟା, ବେଜାଙ୍ଗିବାଡା ଏବଂ ପଡିଆ ବ୍ଲକର ମାଟେରୁ, ନିଲିଗୁଡା ଅଞ୍ଚଳରେ ଥିବା ବୁଥ୍‌ଗୁଡିକ ଅତି ସମ୍ବେଦନଶୀଳ ବୋଲି ଜଣାପଡିଛି । ଏହି ବୁଥ୍‌ଗୁଡିକ ଆନ୍ଧ୍ର-ଛତିଶଗଡ ସୀମାନ୍ତକୁ ଲାଗି ରହିଛି। ଏହିସବୁ ବୁଥ୍ ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ରହିଛନ୍ତି। ବିଗତ ଦିନରେ ମାଓବାଦୀମାନେ ପ୍ରତିବାଦ ସପ୍ତାହ ପାଳନ ସମୟରେ ମାଥିଲି ଥାନା ମହୁପଦରଠାରେ ଏକ ଘରୋଇ ବସ୍ ପୋଡିଦେଇ ସେମାନଙ୍କର ଉପସ୍ଥିତି ଜାହିର କରିଛନ୍ତି। ସୂଚନାଯୋଗ୍ୟ ଯେ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିତ୍ରକୋଣ୍ଡା ବ୍ଲକରେ ସୁରକ୍ଷା ଦୃଷ୍ଟିରୁ ଦୀର୍ଘ ୨ବର୍ଷ ହେଲା ପଞ୍ଚାୟତ ନିର୍ବାଚନ ହୋଇପାରୁନାହିଁ। ଏପରି ସ୍ଥଳରେ ସାଧାରଣ ନିର୍ବାଚନ କିପରି ସୁରୁଖୁରୁରେ ଏଠାରେ କରାଯିବ ତାହାକୁ ନେଇ ପ୍ରଶାସନ ଚିନ୍ତାରେ ପଡିଛି। ଏକ ବିଶେଷ ସୂତ୍ରରୁ ଜଣାପଡିଛି ଯେ, ଛତିଶଗଡ ସାଧାରଣ ନିର୍ବାଚନକୁ ବର୍ଜନ କରିବା ପାଇଁ ମାଓବାଦୀମାନେ ଡାକରା ଦେଇଥିଲେ। ଫଳରେ ନିର୍ବାଚନ ପ୍ରକ୍ରିୟା ସମୟରେ ସୀମାନ୍ତ ସୁକୁମା, ବିଜାପୁର, ଦାନ୍ତେୱାଡା ଜିଲାରେ ଅନେକ ମାଓବାଦୀ ହିଂସା ଘଟିଥିଲା । ସେଠାରେ ୫୦ ହଜାରରୁ ଊର୍ଦ୍ଧ୍ୱ ସୁରକ୍ଷାବାହିନୀକୁ ନେଇ ନିର୍ବାଚନ କରାଯାଇଥିଲା। ଏବେ ମଧ୍ୟ ମାଓବାଦୀମାନେ ଚିତ୍ରକୋଣ୍ଡା ଅଞ୍ଚଳରେ ନିର୍ବାଚନକୁ ବିରୋଧ କରୁଛନ୍ତି। ବର୍ତ୍ତମାନ ଛତିଶଗଡ ଅଞ୍ଚଳର ଅନେକ ମାଓବାଦୀ ସ୍ୱାଭିମାନ ଅଞ୍ଚଳରେ ପ୍ରବେଶ କରି ସେଠାରେ ଆଦିବାସୀମାନଙ୍କୁ ନିର୍ବାଚନ ବର୍ଜନ କରିବା ସହ ବିଭିନ୍ନ ହିଂସା ଘଟାଇବା ପାଇଁ ଉଦ୍ୟମ ଜାରି ରଖିବା ସମ୍ଭାବନାକୁ ଏଡାଯାଇ ନ ପାରେ। ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନକୁ ଦୃଷ୍ଟିରେ ରଖି ବାରମ୍ବାର ବୈଠକ ବସୁଛି। ଏହି ୨ଟି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରସ୍ତୁତି ପ୍ରକ୍ରିୟା, କର୍ମଚାରୀଙ୍କୁ ତାଲିମ, ଇଭିଏମ୍ ଓ ଭିଭିପାଟ୍ ମେଶିନ୍‌ର ପରିଚାଳନା ତାଲିମ ଶେଷ ହୋଇଥିବା ଉପଜିଲାପାଳ ରାମେଶ୍ୱର ପ୍ରଧାନ କହିଛନ୍ତି। ଜିଲାରେ ଉପରୋକ୍ତ ବୁଥ୍‌ଗୁଡିକରେ ଯେପରି ଶତ ପ୍ରତିଶତ ମତଦାନ ହେବ ସେଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଛି ବୋଲି ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ରାଜନୈତିକ ଦଳ ସମ୍ବେଦନଶୀଳ ଅଞ୍ଚଳକୁ ଯିବା ପୂର୍ବରୁ ଜିଲା ଏସ୍‌ପିଙ୍କଠାରୁ ସୁରକ୍ଷା ଏବଂ ଅନୁମତି ନେବାକୁ କଡା ନିର୍ଦ୍ଦେଶ ରହିଛି।








Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



## ଉଜ୍ଜ୍ୱଳ ତାଲିମ ଶିବିର ଉଦ୍‌ଯାପିତ

**କୋଲନରା, ୬।୨ (ଡି.ଏନ୍.ଏ.):** କୋଲନରା ବ୍ଲକ ସଦରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଚାଲିଥିବା ୫ ଦିନିଆ ଉଜ୍ଜ୍ୱଳ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ବିଇଓ ଏମ୍ ଖଗେଶ୍ୱର ରାଓ, ଏବିଇଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ଅଧିକାରୀଙ୍କ ସମେତ ଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଗତ ୨ ତାରିଖରେ ଏହା ଆରମ୍ଭ ହୋଇଥିଲା। କଲ୍ୟାଣସିଂହପୁର, କୋଲନରା, କାଶୀପୁର, ରାୟଗଡ଼ା ଓ ବିଷମକଟକର ୪୮ ଜଣ ଶିକ୍ଷକଙ୍କୁ ଉଜ୍ଜ୍ୱଳ କାର୍ଯ୍ୟକ୍ରମରେ ତାଲିମ ଦିଆଯାଇଛି। ତାଲିମ ନେଇଥିବା ଶିକ୍ଷକମାନେ ବ୍ଲକସ୍ତରରେ ଅନ୍ୟ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିବେ। ଦ୍ୱିତୀୟରୁ ପଞ୍ଚମ ଶ୍ରେଣୀ ଯାଏ ସମସ୍ତ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଅଭିବୃଦ୍ଧି ନିମନ୍ତେ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି ଅତିଥି କହିଥିଲେ। ଏପ୍ରିଲ ୨ରୁ ୪୦ ଦିନ ପାଇଁ ବିଦ୍ୟାଳୟସ୍ତରରେ ଲର୍ନିଂ କ୍ୟାମ୍ପ୍ କରାଯିବ। ଉକ୍ତ ୪୦ ଦିନରେ ବିଦ୍ୟାଳୟରେ କେବଳ ଉଜ୍ଜ୍ୱଳ କାର୍ଯ୍ୟକ୍ରମର ସିଲାବସ୍ ଚାଲିବ ବୋଲି ଜଣାପଡିଛି।



## ଭୋଟର ସଚେତନତା କାର୍ଯ୍ୟକ୍ରମ

**ଚନ୍ଦ୍ରପୁର, ୬।୨ (ଡି.ଏନ୍.ଏ.):** ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତ ଅଧୀନ ବାଲକାବାପୁ ଉଚ୍ଚ ବିଦ୍ୟାଳୟରେ ବୁଧବାର ଚନ୍ଦ୍ରପୁର ବ୍ଲକ ପକ୍ଷରୁ ଭିଭିପାଟ ଏବଂ ଇଭିଏମ୍ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଇଭିଏମ୍ ମେଶିନ୍ ଦ୍ୱାରା ଭୋଟରମାନେ ଯେପରି ସୁବିଧାରେ ଭୋଟ ଦେଇ ପାରିବେ, ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଲକାବାପୁ, ରୟାଲଘାଟି, କୁରୁମାଯୋଡ଼ି ଗ୍ରାମରୁ ୨୦୦ରୁ ଊର୍ଦ୍ଧ୍ୱ ଭୋଟର ଉପସ୍ଥିତ ରହି ଇଭିଏମ୍ ମେଶିନ୍ ଜରିଆରେ ଭୋଟ ଦେବା ପ୍ରଣାଳୀ ସମ୍ପର୍କରେ ତାଲିମ ନେଇଥିଲେ। କେରେଞ୍ଜା ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ମଧ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଛି ବୋଲି ଚନ୍ଦ୍ରପୁର ବ୍ଲକର ସହକାରୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା କହିଛନ୍ତି। ତାଙ୍କ ସହ ବ୍ଲକର କନିଷ୍ଠ ଯନ୍ତ୍ରୀ ଅମୂଲ୍ୟ କୁମାର ଦାସ, ସିଆରସିସି ଦିଲୀପ ଶବର, ଲିକୁ ହିଆଲ ଉପସ୍ଥିତ ରହି ସହଯୋଗ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଫେବୃୟାରୀ ୧୫ ତାରିଖ ଯାଏ ଚାଲିବ। ପ୍ରଧାନ ଶିକ୍ଷକ ପ୍ରଦୀପ ସେଠୀ, ଶିକ୍ଷୟିତ୍ରୀ ସସ୍ମିତା କିନ୍ଧାକା ପ୍ରମୁଖ ଉପସ୍ଥିତ ଥିଲେ।



## ଶିଶୁ ସୁରକ୍ଷା ସଂକ୍ରାନ୍ତ ପ୍ରଶିକ୍ଷଣ

**ଗୋଷାଣି, ୬।୨(ଡି.ଏନ.ଏ.):** ଗଜପତି ଜିଲା ଗୋଷାଣି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ସଂକ୍ରାନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁଙ୍କ ଶିକ୍ଷା, ସୁରକ୍ଷା ଓ ଅଧିକାର ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଆଇନ ପ୍ରଶିକ୍ଷଣ ଅଧିକାରୀ ଜୟପ୍ରକାଶ ବଡତିୟା, ସଚେତକ ବିଜୟଲକ୍ଷ୍ମୀ ନାୟକ, ବିପିଏମ୍ ମମତା ନାୟକ, ସ୍ୱୟଂ ସହାୟକ ଗୋଷ୍ଠୀ କାଉନସେଲର ସିଲୁ ପରିଡାଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ।





ରାୟଗଡ଼ା ଜିଲା ଗୁଣପୁରରେ ଚାଲିଥିବା ବଂଶଧାରା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପୁରୀର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମାଲଖମ୍ବ କଳା ପ୍ରଦର୍ଶନ କରୁଛନ୍ତି।

# ଆୟୁର୍ବେଦ ଡାକ୍ତରଖାନାରେ ଚାଲିଛି ସ୍କୁଲ

■ରାୟଗଡ଼ାରେ ରହୁଛନ୍ତି ଡାକ୍ତର

■ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହନୁମନ୍ତପୁରବାସୀ



ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁରସ୍ଥିତ ଆୟୁର୍ବେଦିକ ଚିକିତ୍ସାଳୟ।

**ଚନ୍ଦ୍ରପୁର,୬।୨(ଡି.ଏନ୍.ଏ.)**

ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତରେ ରହିଛି ଏକ ପୁରାତନ ଆୟୁର୍ବେଦିକ ଚିକିତ୍ସାଳୟ, କିନ୍ତୁ ଏଠାକୁ ଡାକ୍ତର ଆସୁ ନାହାନ୍ତି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ଥାଇ ସୁଦ୍ଧା ସ୍ୱାସ୍ଥ୍ୟସେବା ମିଳୁନି। ଜଣେ ଡାକ୍ତର ଓ ପିଅନ ଅଯଥାରେ ଦରମା ନେଉଥିବା ପଞ୍ଚାୟତବାସୀ ସୋମବାର ଜିଲାପାଳଙ୍କୁ ଅଭିଯୋଗ ପତ୍ରରେ ଜଣାଇଛନ୍ତି। ଏଣେ ଉକ୍ତ ଚିକିତ୍ସାଳୟ କୋଠାରେ ଏବେ ଏକ ସ୍କୁଲ ଖୋଲାଯାଇଛି।

ଚନ୍ଦ୍ରପୁର ଚିକିତ୍ସାଳୟର ପୁରୁଣା କୋଠା ଭାଙ୍ଗିଯିବା ପରେ ବର୍ତ୍ତମାନ ଆଇଟିଡିଏ ଏକ ନୂତନ ଗୃହ ନିର୍ମାଣ କରିଛି। କିନ୍ତୁ ଚିକିତ୍ସାଳୟରେ ନିଯୁକ୍ତ ହୋଇଥିବା ଡାକ୍ତର ରାୟଗଡାରେ ରହୁଛନ୍ତି। ସେ ହନୁମନ୍ତପୁର ନ ଆସି ବର୍ଷ ବର୍ଷ ଧରି ଦରମା ପାଉଥିବା ପଞ୍ଚାୟତର ଶମ୍ଭୁ ଗାଡାକା, ଶଙ୍କର ପ୍ରଧାନୀଦ୍, ମହେଶ୍ୱର ଦିବାକା, ବୁଟାରଣା, ରବି ଗାଡାକା, ଜୟସେନ ମୁଗୁଲି, ଡମ୍ବରୁଧର ମୁଦୁଲି, କାମଦେବ ହିଆଲ, ଲବ ଦିକାକା, ରବି କିନ୍ଧାକା ସୋମବାର ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଡାକଯୋଗେ ପଠାଇଛନ୍ତି। ଅଞ୍ଚଳବାସୀ ରୋଗରେ ପଡିଲେ ଏଠାରେ ଚିକିତ୍ସା ମିଳୁ ନ ଥିବାବେଳେ ଆର୍ଥିକ ଅସ୍ୱଚ୍ଛଳତା ଯୋଗୁ ଅନ୍ୟ କୁଆଡେ ଯାଇ ନ ପାରି ଘରେ ପଡି ପଡି ଜୀବନ ହରାଉଛନ୍ତି। ଏଣେ ଏହି ଚିକିତ୍ସାଳୟ କୋଠାରେ ଏକ ସ୍କୁଲ ଖୋଲାଯାଇ ପିଲାଙ୍କୁ ପାଠ ପଢାଯାଉଛି। ନୂତନ ଚିକିତ୍ସାଳୟ ଗୃହର ଶୁଭାରମ୍ଭ କେବେ, ଏଠାରେ ଡାକ୍ତର ରହି ରୋଗୀଙ୍କୁ କେବେ ସେବା ଦେବେ ଅଞ୍ଚଳବାସୀ ସେହି ପ୍ରଶ୍ନ କରିଛନ୍ତି। ଜିଲାପାଳ ପଦକ୍ଷେପ ନେବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଡାକ୍ତର ସୁବୋଧ କୁମାର ବୋଡାଙ୍କୁ ପଚାରିବାରୁ ମୁଁ ମୁନିଗୁଡ଼ା ବ୍ଲକର ଡିମିରିଗୁଡ଼ା ଚିକିତ୍ସାଳୟ ଦାୟିତ୍ୱରେ ରହିଛି । ଏଥିସହ ୪ଟି ଅତିରିକ୍ତ ଦାୟିତ୍ୱରେ ମଧ ରହିଛି। ନୂତନ ଚିକିତ୍ସାଳୟ ଗୃହଟି ଗ୍ରାମ ଉନ୍ନୟନ ବିଭାଗ ଆମକୁ ହସ୍ତାନ୍ତର କରି ନାହିଁ। ମୁଁ ଦିନେ ଦୁଇଦିନ ମଧରେ ହନୁମନ୍ତପୁର ଯାଇ ଦେଖିବି ବୋଲି ସେ କହିଛନ୍ତି ।

## ସଡ଼କ ସୁରକ୍ଷା ସଚେତନତା

**ରାୟଗଡ (ଗଜପତି), ୬।୨(ଡି.ଏନ.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ତଥା ରାୟଗଡ ପୋଲିସ ପକ୍ଷରୁ ମଙ୍ଗଳବାର ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରାୟଗଡ ଥାନାଛକଠାରୁ ପର୍ଶୁରାମ ଗୁରୁକୁଳର ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ଓ ବିଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସଡ଼କ ଦୁର୍ଘଟଣା ରୋକିବା ଓ ସୁରକ୍ଷିତ ଯାତ୍ରା ପାଇଁ ହେଲମେଟ ପିନ୍ଧି ବାଇକ୍ ଚଳାଇବା, ଦ୍ରୁତ ଗତିରେ ଓ ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଗାଡ଼ି ଚାଳନା ବେଳେ ମୋବାଇଲ ବ୍ୟବହାର ନ କରିବା, ସିଟ୍ ବେଲ୍ଟ ବାନ୍ଧିବା, ଟ୍ରାଫିକ ନିୟମ ମାନିବା ଆଦି ନେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସେହିପରି ଦାସକାଠିଆ ଓ ପଥପ୍ରାନ୍ତ ନାଚଗୀତ ମାଧ୍ୟମରେ ମଧ ସଚେତନତା ସୃଷ୍ଟି କରାଯାଇଥିଲା। ଥାନା ପକ୍ଷରୁ ପାମ୍ପଲେଟ୍ ବଣ୍ଟାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଥାନା ଏସ୍‌ଆଇ କରୁଣାକର ସାହୁ, କୃଷ୍ଣଚନ୍ଦ୍ର ମଲ୍ଲିକ, ଏଏସ୍‌ଆଇ ଅଭିମନ୍ୟୁ ପାଣିଗ୍ରାହୀ, ପର୍ଶୁରାମ ଗୁରୁକୁଳର ଅଧ୍ୟାପକ ଶଶିକାନ୍ତ ମହାପାତ୍ରଙ୍କ ସମେତ ଛାତ୍ରୀଛାତ୍ର, ଥାନା କର୍ମଚାରୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।



ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ପୋଲିସ କର୍ମଚାରୀ।

## ଶ୍ରମିକ ସଙ୍ଗଠିତ ହେଲେ ଦେଶର ଉନ୍ନତି ହେବ




ଜଣେ ହିତାଧିକାରୀଙ୍କୁ ଅତିଥି ସହାୟତା ପ୍ରଦାନ କରୁଛନ୍ତି।

**ରାମନାଗୁଡ଼ା, ୬।୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଉଚ୍ଚ ବିଦ୍ୟାଳୟ ପରିସରସ୍ଥ ଚଇତି ମଣ୍ଡପରେ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସେବା ଶିବିର ଅନୁଷ୍ଠିତ ହୋଇଛି। ୧୮ରୁ ଊର୍ଦ୍ଧ୍ୱ ଏବଂ ୬୦ରୁ କମ୍ ବ୍ୟକ୍ତି ଏହି ଯୋଜନାରେ ସାମିଲ ହୋଇପାରିବେ। ଏକ ବର୍ଷ ଭିତରେ ୯୦ ଦିନ କାମ କରିଥିବା ବ୍ୟକ୍ତି ନିଜ ନାମ ପଞ୍ଜୀକରଣ କରିପାରିବେ। ଉକ୍ତ ନିର୍ମାଣ ଶ୍ରମିକ ଓ ତାଙ୍କ ପରିବାରକୁ ଶିକ୍ଷା ସହାୟତା, ମୃତ୍ୟୁକାଳୀନ ସହାୟତା, ଗୃହ ନିର୍ମାଣ ଏବଂ ଚିକିତ୍ସା ସହାୟତା ମିଳିପାରିବ। ୬୦ବର୍ଷ ପରେ ସେମାନଙ୍କୁ ମାସିକ ୮ଶହ ଟଙ୍କା ଭତ୍ତା ମିଳିବ। ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଗଲେ ପଞ୍ଚାୟତ କାର୍ଯ୍ୟାଳୟ, ପଞ୍ଚାୟତ ସମିତି ଏବଂ ଜିଲା କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିଥିଲେ ଏ ସବୁ ସୁବିଧା ମିଳିପାରିବ। ଅଣ

**ନିର୍ମାଣ ଶ୍ରମିକ ସେବା ଶିବିର**

ସଙ୍ଗଠିତ କର୍ମଚାରୀମାନେ ମଧ ଜିଲା ଶ୍ରମଧିକାରୀଙ୍କ ନିକଟରେ ପଞ୍ଜୀକରଣ କରିପାରିବେ। ୨୦୧୮ରେ ବ୍ଲକରେ ମୋଟ ୧୫୬ଜଣ ନାମ ପଞ୍ଜୀକରଣ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ୪ଜଣଙ୍କୁ ଶିକ୍ଷା ସହାୟତା ଭାବେ ୩ରୁ ୧୦ ହଜାର ଟଙ୍କା, ୬ ଜଣଙ୍କୁ ମୃତ୍ୟୁକାଳୀନ ସହାୟତାଭାବେ ଜଣକା ୧ଲକ୍ଷ ୫ହଜାର, ପ୍ରସୂତିକାଳୀନ ସହାୟତା ଭାବେ ପ୍ରତ୍ୟେକଙ୍କୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଶ୍ରମିକ ସଙ୍ଗଠିତ ହେଲେ ଦେଶ ଆଗେଇବ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରଜନୀ ମାଣ୍ଡାଙ୍ଗୀ, ବିଡିଓ ସୁଧାକର ରଇତ, ଜିଲା ଶ୍ରମ କମିଶନର ପ୍ରଶାନ୍ତ ତ୍ରିପାଠୀ, ଶ୍ରମାଧିକାରୀ ରାମଚନ୍ଦ୍ର ନାୟକ, ଏଡିଓ କୃପାକର ବାଣିପିଲି, ପ୍ରଧାନ ଶିକ୍ଷକ ବିପିନୀ ବିହାରୀ ବିଶୋୟୀ, ସାମାଜିକ କର୍ମୀ ନବୀନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପିଇଓ ବଂଶୀଧର ସେଠୀ କାର୍ଯ୍ୟକ୍ରମ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ।

## ପୋଲିସର ମୈତ୍ରୀ କାର୍ଯ୍ୟକ୍ରମ

**କାଶୀପୁର, ୬।୨(ଡି.ଏନ୍.ଏ.)**

ରାୟଗଡା ଜିଲା କାଶୀପୁର ବ୍ଲକ ମାଣ୍ଡିବିଶୀ ପଞ୍ଚାୟତରେ ବୁଧବାର ଜିଲା ପୋଲିସ ପକ୍ଷରୁ ମୈତ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାୟଗଡ଼ା ଏସ୍‌ପି ରାହୁଲ ପିଆର ମୁଖ୍ୟ ଅତିଥି, କାଶୀପୁର ବିଡିଓ ବେଦବର ପ୍ରଧାନ, ଅତିରିକ୍ତ ତହସିଲଦାର, ସରପଞ୍ଚ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ଖେଳ, ନାଚ,ଗୀତ ଆଦି ପ୍ରତିଯୋଗିତା ଏବଂ ଯୁବକମାନଙ୍କ ମଧ୍ୟରେ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ଏବଂ ଉପସ୍ଥିତ ଲୋକଙ୍କୁ କମ୍ବଳ, ଶାଡିଆଦି ବଣ୍ଟନ କରାଯାଇଥିଲା। ଗରୀବ ଓ ଅସହାୟଙ୍କଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଔଷଧ ଦିଆଯାଇଛି। ଅନ୍ଧବିଶ୍ୱାସ ଦୂର କରିବା ପାଇଁ ଅନୁଭ ଶତପଥୀ ଯାଦୁ ଖେଳ ମାଧମରେ ଲୋକଙ୍କୁ ସଚେତନ କରିଥିଲେ। କାଶୀପୁର ଆଇଆଇସି ଦୁର୍ଗାମାଧବ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଶାସନ ଶୁଣୁନି: ପାର୍କ ସଫେଇ କଲା ରଇତ ସଂଘ

**କାଶୀନଗର, ୬।୨(ଡି.ଏନ.ଏ.)**

ଗଜପତି ଜିଲା କାଶୀନଗର ସହରର ବିଭିନ୍ନ ସ୍ଥାନରେ କୁଢ କୁଢ ଆବର୍ଜନା ପଡ଼ିରହିଥିବା ବେଳେ ତାହାକୁ ହଟାଇବା ଲାଗି ପ୍ରଶାସନ ପଦକ୍ଷେପ ନେଉନାହିଁ। ଏ ସଂକ୍ରାନ୍ତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ କାଶୀନଗର ରଇତ ସଂଘ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସଂଘର କର୍ମକର୍ତ୍ତାମାନେ ଆବର୍ଜନା ସଫେଇ ପାଇଁ ଅଣ୍ଟା ଭିଡ଼ିଛନ୍ତି। ପ୍ରଥମ ପଦକ୍ଷେପ ସ୍ୱରୂପ ବୁଧବାର ସେମାନେ ସହରର କେନ୍ଦ୍ରସ୍ଥଳ କୁହାଯାଉଥିବା ବ୍ଲକ-ହସ୍‌ପିଟାଲ ଛକସ୍ଥିତ ଆବର୍ଜନାପୂର୍ଣ୍ଣ ପାର୍କ ସଫେଇ କରିଛନ୍ତି। ସଂଘ ଉପଦେଷ୍ଟା ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ଏସ୍.ତାତେୟା, ଉପସଭାପତି କେ.ସୂରିୟା ରାଓ, ୱାଇ.ଧନଞ୍ଜୟ, କୋଷାଧ୍ୟକ୍ଷ ବସନ୍ତ କୁମାର ଦାମୋଦରଙ୍କ ସମେତ ପ୍ରାୟ ୫୦ ଜଣ ସଦସ୍ୟ ଉକ୍ତ ପାର୍କରେ ଆବର୍ଜନା ସଫେଇ କରିବା ସହ ଅନାବନା ଗଛଲତା କାଟି ସଫା କରିଥିଲେ। ଏଥିପାଇଁ ପ୍ରାୟ ୫ଘଣ୍ଟା ସମୟ ଲାଗିଥିଲା। ଏହାସତ୍ତ୍ୱେ ଯଦି ପ୍ରଶାସନ ସହରର ପରିମଳ ବ୍ୟବସ୍ଥା ସୁଧାରିବା ଲାଗି ପଦକ୍ଷେପ ନ ନିଏ ତାହାହେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଅନ୍ୟ ସ୍ଥାନ ସଫେଇ କରାଯିବ ବୋଲି ମିଶ୍ର କହିଛନ୍ତି। ଏହି ପଦକ୍ଷେପକୁ ସହରବାସୀ ପ୍ରଶଂସା କରିଛନ୍ତି।

## ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ବାର୍ଷିକ ଉତ୍ସବ

**ଗୁଣପୁର,୬।୨(ଡି.ଏନ୍.ଏ.)**

ଗୁଣପୁର ଅରୋଶ୍ରୀ ବିହାରରେ ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ୧୭ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ପାରଳାଖେମୁଣ୍ଡିର ଅରବିନ୍ଦସାଧକ ଉନା ସୀମାଞ୍ଚଳ ମାତୃ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ସ୍ଥାନରେ ଅତିଥି ଏବଂ ଛାତ୍ରୀଛାତ୍ର ସମବେତ ଧ୍ୟାନ କରିଥିଲେ। କାର୍ଯ୍ୟକ୍ରମ ସରିବା ପରେ ସଭା ହୋଇଥିଲା। ଅନୁଷ୍ଠାନ ସମ୍ପାଦକ ସୁଦର୍ଶନ ପୃଷ୍ଟି, ସାଧକ ଉନା ସୀମାଞ୍ଚଳ ଏବଂ ପୂର୍ବତନ ସମ୍ପାଦକ ଯୋଗେନ୍ଦ୍ର ନାରାୟଣ ଦେଓ ଅତିଥିଭାବେ ଯୋଗ ଦେଇ ଅରବିନ୍ଦଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅପରାହ୍ନରେ ସଲିଳା ନନ୍ଦ ମାତୃ ପତାକା ଅବତରଣ କରିଥିଲେ।

## ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର

**ରାୟଗଡା ଅଫିସ୍, ୬।୨**

ଓଡ଼ିଶା-ଆନ୍ଧ୍ର ସୀମାନ୍ତ କେରେଡା ପଞ୍ଚାୟତ ଅଧୀନ ଅତଡା ଗ୍ରାମରେ ରାୟଗଡାସ୍ଥିତ ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ ପକ୍ଷରୁ ଏକ ଜନସମ୍ପର୍କ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସିଆର୍‌ପିଏଫ୍ ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ମିତୁ ରୟ ଏବଂ ସହକାରୀ କମାଣ୍ଡାଣ୍ଟ ଶଙ୍କରଲାଲ ମୀନା ଉଦ୍‌ଘାଟନ କରିଥିଲେ। ସାନଅତଡା, ବଡଅତଡା, ପାଡଲରାଇ ଗ୍ରାମବାସୀ ଯୋଗ ଦେଇଥିଲେ। ୧୪୫ଜଣ ଗ୍ରାମବାସୀଙ୍କୁ ସିଆର୍‌ପିଏଫ୍ ପକ୍ଷରୁ କମ୍ବଳ ବଣ୍ଟା ଯାଇଥିଲା। ଯବାନଙ୍କ ପ୍ରତି ଗ୍ରାମବାସୀଙ୍କ ଥିବା ଡରକୁ ଦୂର କରିବା ପାଇଁ ଏହି ଶିବିରର ଆୟୋଜନ କରାଯାଇଛି ବୋଲି ଅତିଥିମାନେ କହିଥିଲେ। ଗ୍ରାମବାସୀ ଯବାନଙ୍କୁ ଭୟ ନ କରି ସେମାନଙ୍କ ଅସୁବିଧା ହେଲେ ଜଣାଇବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଶେଷଖାଲ ଥାନାଧିକାରୀ ପୀତବାସ ଧାରୁଆ, ସିଆର୍‌ପିଏଫ୍ ଇନ୍ସପେକ୍ଟର ମୁକେଶ କୁମାର, କେରେଡା ସରପଞ୍ଚ ଗୋବର୍ଦ୍ଧନ କଣ୍ଡାଗରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଶିବିରରେ ଜଣେ ବୃଦ୍ଧଙ୍କୁ କମ୍ବଳ ଦିଆଯାଉଛି।

## ଭଲ ଫସଲ ସହ ପରିବାରରେ ବଜାୟ ରହେ ଶାନ୍ତି

**ମୁନିଗୁଡାରେ କାନ୍ଦୁଲ ପର୍ବ**

**ମୁନିଗୁଡ଼ା, ୬।୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ସଦର ମହକୁମା ଅଧୀନ ରାଜୀବଗଡ଼ା ସାହି ବାସିନ୍ଦାଙ୍କ ପକ୍ଷରୁ ବୁଧବାର ଧୂମ୍‌ଧାମରେ କାନ୍ଦୁଲ ପର୍ବ ପାଳନ କରାଯାଇଛି। ପ୍ରତ୍ୟୁଷରେ ରୀତିନୀତି ଅନୁଯାୟୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସାହିର ଯୁବତୀଯୁବକମାନେ ବିଭିନ୍ନ ବେଷ ଧାରଣ କରି ପାରମ୍ପରିକ ବାଦ୍ୟ ବଜାଇ ସହର ପରିକ୍ରମା କରିଥିଲେ। ଏହି ପର୍ବରେ ନୂତନଭାବେ ଅମଳ ହୋଇଥିବା କାନ୍ଦୁଲକୁ ଇଷ୍ଟ ଦେବୀଙ୍କ ପାଖରେ ସମର୍ପଣ କରାଯାଇଥାଏ। ଦିନ ତମାମ୍ ସାହିରେ ପୂଜାର୍ଚ୍ଚନା ହେବା ସହ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏହି ପୂଜା କଲେ ଭଲ ଫସଲ ଅମଳ ହେବା ସହ ପରିବାରରେ ଶାନ୍ତି ବଜାୟ ରୁହେ ବୋଲି ବିଶ୍ୱାସ ରହିଛି।



ଯୁବତୀ ଯୁବକମାନେ ବିଭିନ୍ନ ବେଶ ଧାରଣ କରି ନଗର ପରିକ୍ରମା କରୁଛନ୍ତି।